## ସଂକ୍ଷେପରେ

### ସାମାଜିକ ସନ୍ତୁଳନ ପାଇଁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଜରୁରୀ

**ରଘୁନାଥପୁର, ୫।୩ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ତଅାଁରା ପଞ୍ଚାୟତ ସାଲିଜଙ୍ଗା ଶିରିଡି ସାଇ ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କୁ ନେଇ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପରିବେଶବିତ୍ ବିଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ସାମାଜିକ ସନ୍ତୁଳନ ପାଇଁ ବନ୍ୟ ପ୍ରାଣୀଙ୍କୁ ସୁରକ୍ଷା ଦେବା ପ୍ରତ୍ୟେକ ନାଗରିକଙ୍କ ପକ୍ଷେ ଅତ୍ୟନ୍ତ ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ୟାରୀମୋହନ ପଟ୍ଟନାୟକ, ଏସଏନ କଲେଜର ପୂର୍ବତନ ଅଧକ୍ଷ ଅଜୟ କୁମାର ଦାସ, ଶିକ୍ଷାବିତ୍ ଯଦୁନାଥ ଜେନା, ସାମାଜିକ କର୍ମୀ ପାର୍ଥଶାଖୀ ପାଲଟାସିଂହଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗ ଦେଇ ଏହି ଦିବସର ତାତ୍ପର୍ଯ୍ୟ ଓ କର୍ତ୍ତବ୍ୟ ବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା କୃଷିକ ସଙ୍ଗଠନର ଉପଦେଷ୍ଟା ଦିଲୀପ କୁମାର ରଥ ସଭା ସଞ୍ଚାଳନ କରିଥିବା ବେଳେ ଇଂ. ବାବାଜୀ ଚରଣ ଜେନା ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମର ଦାୟିତ୍ୱ ସମ୍ପର୍କରେ ସଂକଳ୍ପ କରାଇଥିଲେ।

### ଜାତୀୟ ସୁରକ୍ଷା ଦିବସ ପାଳିତ

**ପାରାଦୀପ, ୫।୩ (ସ୍ୱ.ପ୍ର.):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ୪ ନଂ. ଗେଟ୍ ପାଖରେ ବୁଧବାର ୪୯ ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଏକ ଖାଦ୍ୟ ବୁହା ଗାଡ଼ି ନିଷିଦ୍ଧାଞ୍ଚଳ ଶ୍ରମିକ, କର୍ମଚାରୀଙ୍କ ପାଇଁ ଲୋକାର୍ପିତ କରାଯାଇଛି। ଜାତୀୟ ସୁରକ୍ଷା ଦିବସ ପାଳନ ଉପଲକ୍ଷେ ସୁରକ୍ଷା ରଥ, ସଚେତନତା ଶୋଭାଯାତ୍ରା ଆଦି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗତ ୪ବର୍ଷରେ ସୁରକ୍ଷା ପ୍ରସଙ୍ଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ଏ.କେ. ବୋଷ, ପୋର୍ଟ ସୁରକ୍ଷାନିରୀକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ବି. ଗୋପୀନାଥ ପ୍ରମୁଖ ଯୋଗଦେଇ ସୁରକ୍ଷା ସମ୍ପର୍କରେ କହିଥିଲେ। ଶେଷରେ ସେଫ୍ଟି ଅଫିସର ଆର୍.ଏନ୍ .ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର

**ବାଲିକୁଦା,୫।୩(ସ୍ୱ.ପ୍ର.):** ଏକ ୧୦୮ ଆମ୍ବୁଲାନ୍ସ ବୁଧବାର ରାତି ପ୍ରାୟ ୨ଟାରେ ରୋଗୀ ଛାଡ଼ି ଜଗତ୍‌ସିଂହପୁରରୁ ବୋରିକିନା ଫେରୁଥିବାବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଏଥିରେ ଆମ୍ବୁଲାନ୍ସର ଚାଳକ ଜଗତ୍‌ସିଂହପୁର ଥାନା କଣ୍ଟାପଡାର ପ୍ରଶାନ୍ତ ମଲ୍ଲିକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ଅଧିକ ଚିକିତ୍ସା ପାଇଁ କଟକ ପଠାଯାଇଥିବା ଜଣାପଡିଛି। ଆମ୍ବୁଲାନ୍ସର ଆଗ ଚକ ଫାଟି ଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଆମ୍ବୁଲାନ୍ସଟି ବୋରିକିନା ଉନ୍ନିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ସେବାରେ ନିୟୋଜିତ ଥିଲା। ବୋରିକିନା ଅଞ୍ଚଳରୁ ଜଣେ ଗର୍ଭବତୀଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲା। ସେଠାରୁ ବୋରିକିନା ଫେରିବା ସମୟରେ ଜଗତ୍‌ସିଂହପୁର-ବାଲିକୁଦା ରାସ୍ତାର ବାଲିକୁଦା କଲେଜ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱର ଚାଷ ଜମିକୁ ଓଲଟି ପଡିଥିଲା। ଏଥିରେ ରୋଗୀ ନ ଥିବାରୁ ଏକ ବଡ ଧରଣର ବିପଦ ଏଡାଇ ଯାଇଥିଲା।

# ୧୩ରୁ ୩୦ ଜିଲା କରିଥିଲେ ବିଜୁବାବୁ

**ଜଗତ୍‌ସିଂହପୁର ଅଫିସ, ୫।୩**


ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସରେ ଜିଲାପାଳ ଓ ଅନ୍ୟ ଅତିଥି ଉପସ୍ଥିତ।

**ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ**
- ଶ୍ରମିକଙ୍କ ମଜୁରି ୧୧ରୁ ୨୫ ଟଙ୍କାକୁ ବୃଦ୍ଧି କରିଥିଲେ
- ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପୁନଃ ପ୍ରବର୍ତ୍ତକ ଥିଲେ
- ପାରାଦୀପ ବନ୍ଦର, ଦଇତାରି-ପାରାଦୀପ ଏକ୍ସପ୍ରେସ୍ ହାଇୱେ ଆଦି କରିଥିଲେ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ପ୍ରବାଦ ପୁରୁଷ ବୋଲି କୁହାଯାଉଛି। କେବଳ ସେତିକି ନୁହେଁ ସେ ଥିଲେ ଝଡ଼ର ଇଗଲ, ମାଟିର ମୂର୍ତ୍ତିକାର ଓ ଧରଣୀର କୃଷ୍ଣସାର। ତାଙ୍କ ଯୋଗୁ ଓଡ଼ିଶାର ୧୩ଟି ଜିଲା ୩୦ରେ ପରିଣତ ହୋଇ ପାରିଥିଲା। ଶ୍ରମିକଙ୍କ ଦୈନିକ ମଜୁରି ୧୧ରୁ ୨୫ ଟଙ୍କାକୁ ବୃଦ୍ଧି ପାଇଥିଲା। ପାରାଦୀପ ବନ୍ଦର, ପାରାଦୀପ-ଦଇତାରୀ ଏକ୍ସପ୍ରେସ୍ ହାଇୱେ, କୃଷି ବିଶ୍ୱବିଦ୍ୟାଳୟ, କଳିଙ୍ଗ ଟ୍ୟୁବ୍‌ସ, ନାଲ୍‌କୋ, ପ୍ଲାନିଂବୋର୍ଡ ପ୍ରତିଷ୍ଠା, ମିଗ୍ ଇଞ୍ଜିନ୍ ଫ୍ୟାକ୍ଟ୍ରି ଆଦି ଅନେକ କିଛ ପ୍ରତିଷ୍ଠା କରି ଓଡ଼ିଶାର ପ୍ରଗତିକୁ କ୍ରିୟାଶୀଳ କରି ପାରିଥିଲେ। ସେହି ମହାନ ବ୍ୟକ୍ତିଙ୍କ ଜନ୍ମ ଦିବସକୁ ରାଜ୍ୟ ସରକାର ପଞ୍ଚାୟତିରାଜ ଦିବସ ଭାବେ ପାଳନ କରୁଛନ୍ତି। ଗୁରୁବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜିଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ପୌରୋହିତ୍ୟ କରି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଥିଲେ। ସେ କହିଥିଲେ, ବିଜୁ ବାବୁ ୧୯୯୨ ମସିହାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପୁନଃ ପ୍ରବର୍ତ୍ତନ କରିଥିଲେ। ମହିଳାଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା କରି ସ୍ମରଣୀୟ ହୋଇ ରହିଛନ୍ତି। ସେ ଜଣେ ବିଶିଷ୍ଟ ଜନନାୟକ, ରାଷ୍ଟ୍ରନୀତିଜ୍ଞ ଓ ପ୍ରଚଣ୍ଡ ଦେଶ ଭକ୍ତ ଥିଲେ। ପିତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶୀର୍ଷରେ ପହଞ୍ଚି ପାରିଥିଲେ। ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧବାର୍ଷିକୀରେ ବିଜୁ ବାବୁ ମୋ ସ୍ୱପ୍ନର ଓଡ଼ିଶା ସମ୍ପର୍କରେ ବକ୍ତବ୍ୟ ଶୈଳୀରେ ଗାଁକୁ କାମ ମାକୁ ସମ୍ମାନ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲା ପରିଷଦ ଉପସଭାପତି ଲିଙ୍ଗରାଜ ସ୍ୱାଇଁ କହିଥିଲେ, ବିଜୁବାବୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ କ୍ଷମତା ବିକେନ୍ଦ୍ରିକରଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧକ୍ଷା ବିଜୟଲକ୍ଷ୍ମୀ ବେହେରା କହିଥିଲେ, ବିଜୁ ବାବୁ କଟକରୁ ପେଶୱା ପର୍ଯ୍ୟନ୍ତ ପାଖାପାଖି ୩ ହଜାର କିଲୋମିଟର ସାଇକେଲରେ ଭ୍ରମଣ କରି ଦୁଃସାହସିକତାର ପରିଚୟ ଦେଇଥିଲେ। ୧,୯୩୦ରେ ଗୋପବନ୍ଧୁଙ୍କ ସହିତ ଡଙ୍ଗାରେ ବସି ବନ୍ୟା ପ୍ରପୀଡିତଙ୍କୁ ରିଲିଫ ବଣ୍ଟନ କରିଥିଲେ। ଇଣ୍ଡୋନେସିଆ ଶାସକଙ୍କୁ ଡଚ୍‌ଙ୍କ କବଳରୁ ମୁକ୍ତ କରି ଭୂମିପୁତ୍ର ଉପାଧି ଲାଭ କରି ବିଶ୍ୱରେ ଓଡ଼ିଶାର ନାଁକୁ ଉଜ୍ଜୀବିତ କରିଥିଲେ। ବଡ କଥା ହେଲା ସେତେବେଳେ ଇଣ୍ଡୋନେସିଆ ସରକାର ବିଜୁ ବାବୁଙ୍କ ଏଥିନେଇ ୫ ଶହ କୋଟି ଟଙ୍କାର ସମ୍ପତ୍ତି ଦାନକୁ ପ୍ରତ୍ୟାଖାନ କରି ଦେଇଥିଲେ। ଆଇନଜୀବୀ ବୀର ନାରାୟଣ ପାତ୍ର କହିଥିଲେ, ୧୯୬୦ ଦଶକରେ ବିଜୁ ବାବୁ ନେହେରୁଙ୍କ ସାହାଯ୍ୟରେ ପାରାଦୀପ ବନ୍ଦର ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଯୋଗୁ ଜଗତ୍‌ସିଂହପୁର ଏକ ନୂଆ ଜିଲାର ମାନ୍ୟତା ପାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଉତ୍ସବକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଓରମାସ୍‌ର ଡେପୁଟି ସିଇଓ ସତ୍ୟ ସୁନ୍ଦର ଶିବରାମ ପାଇଟାଳ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଜଗତ୍‌ସିଂହପୁର ବିଡିଓ ସାଗର ନନ୍ଦ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସରକାରୀ ଅଧିକାରୀ, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଗ୍ରୀଡ୍ କାର୍ଯ୍ୟ ଅନୁଧ୍ୟାନ କଲେ ମନ୍ତ୍ରୀ

**ବାଲିକୁଦା,୫।୩(ସ୍ୱ.ପ୍ର.)**

ବାଲିକୁଦା ବିଦ୍ୟୁତ୍ ଉପଖଣ୍ଡ ଅଧୀନ ବୋରିକିନା ପଞ୍ଚାୟତର ଡୋଭାଳ ଓ ନହରଣା ପଞ୍ଚାୟତର ଦଶବାଟିଆଠାରେ ନିର୍ମାଣ କରାଯାଇଥିବା ବିଦ୍ୟୁତ୍ ସବ୍‌ଷ୍ଟେଶନ ୩୩/୧୧କେଭି (ଗ୍ରୀଡ୍) କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି ମନ୍ତ୍ରୀ ରଘୁନନ୍ଦନ ଦାସ। ମନ୍ତ୍ରୀ କାର୍ଯ୍ୟ ଅନୁଧ୍ୟାନ କରିବା ସହ ଉଭୟ ଗ୍ରୀଡ୍‌କୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତବେଳେ ବାଲିକୁଦା ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଦେବଦତ୍ତ ଉପାଧ୍ୟାୟ, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ପତି, ମନୋରଞ୍ଜନ ବେହେରା, ଗୁପ୍ତା ପାୱାର ଲିମିଟେଡର ଟିମ ଲିଡର କମଳାକାନ୍ତ ମହାରଣା, ଇଂ ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡୋଭାଳଠାରେ ନିର୍ମିତ ପ୍ରକଳ୍ପ ଶେଷ ହୋଇଥିବା ବେଳେ କର୍ମଚାରୀ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇ ପାରି ନ ଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କର୍ମଚାରୀ ତୁରନ୍ତ ନିଯୁକ୍ତି ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଦଶବାଟିଆ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ଥିଲେ ମଧ୍ୟ ଖୁଣ୍ଟ ପକାଇବାରେ ବିବାଦ ଥିବାରୁ କାର୍ଯ୍ୟ ଅଟକିଥିବା ମନ୍ତ୍ରୀ ଜାଣିବାକୁ ପାଇଥିଲେ।

## ଏନ୍‌ଆର୍‌ସି ନୁହେଁ, ଏନ୍‌ଆର୍‌ୟୁ ଲାଗୁ କର

**ଜଗତ୍‌ସିଂହପୁର ଅଫିସ,୫।୩**

**ଜଗତ୍‌ସିଂହପୁର ବିଧାନସଭା ଯୁବ କଂଗ୍ରେସ କମିଟି ଆହ୍ୱାନ**

ସମ୍ପ୍ରତି ସମଗ୍ର ଦେଶରେ ଏନ୍‌ଆର୍‌ସିକୁ ନେଇ ବାଦବିବାଦ ଲାଗି ରହିଛି। ବିଶେଷକରି କଂଗ୍ରେସ ଏହାକୁ ବିରୋଧ କରିବା ସହ ଏନ୍‌ଆର୍‌ୟୁ (ନ୍ୟାଶନାଲ ରେଜିଷ୍ଟର ଅଫ ଅନଏମ୍ପ୍ଲଏମେଣ୍ଟ) ଲାଗୁ କରିବାକୁ ଦାବି କରିଛି। କେବଳ ଏତିକି ନୁହେଁ, ଭାରତୀୟ ଯୁବ କଂଗ୍ରେସ ଏହି ପ୍ରସଙ୍ଗକୁ ରାଷ୍ଟ୍ରବ୍ୟାପୀ ପ୍ରଚାର କରିବାକୁ ଖସଡା ପ୍ରସ୍ତୁତ କରିଛି। ସବୁ ରାଜ୍ୟରେ ୟଙ୍ଗ ଇଣ୍ଡିଆ କେ ବୋଲ ନାମକ ଭାଷଣ ପ୍ରତିଯୋଗିତା ମାଧ୍ୟମରେ ଦେଶବ୍ୟାପୀ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରୁଛି। ଓଡ଼ିଶାରେ ରାଜ୍ୟ ଯୁବ କଂଗ୍ରେସ ଏହି କାର୍ଯ୍ୟକ୍ରମ ହାତକୁ ନେଇ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ସହିତ ବିପର୍ଯ୍ୟସ୍ତ ଅର୍ଥ ବ୍ୟବସ୍ଥା, ବେରୋଜଗାର ବିଷୟରେ ବ୍ୟାପକ ପ୍ରଚାର ଓ ପ୍ରସାର କରୁଛି। ବିଶେଷକରି କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାରକୁ ଲଗାତାର ସମାଲୋଚନା ଜାରି ରଖିଛି। ସମ୍ପ୍ରତି ବେରୋଜଗାର ବଡ଼ ସମସ୍ୟା ହୋଇଥିବାରୁ ଦେଶରେ ଏନ୍‌ଆର୍‌ୟୁ ଲାଗୁ କରାଯିବାର ଯଥାର୍ଥତା ସର୍ବାଧିକ ବୋଲି ଯୁବଗୋଷ୍ଠୀଙ୍କୁ ବୁଝାଇବା ଉଦ୍ଦେଶ୍ୟରେ ଏଭଳି ଅଭିଯାନ ଆରମ୍ଭ ହୋଇଛି। ଜଗତ୍‌ସିଂହପୁର ଜିଲା କଂଗ୍ରେସ ସିପିସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ଯୁବ କଂଗ୍ରେସ ଦାୟିତ୍ୱରେ ଥିବା ନଳିନୀକାନ୍ତ ନାୟକ, ଯୁବ କଂଗ୍ରେସ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ସଭାପତି ପ୍ରଶାନ୍ତ ମଲ୍ଲିକ, ସୌମ୍ୟଜିତ ଦାଶ, ଛାତ୍ର କଂଗ୍ରେସ ସଭାପତି ପ୍ରୀତମ ପରିଡ଼ା, ମ୍ୟୁନିସିପାଲ୍‌ଟି ସଭାପତି ସୂର୍ଯ୍ୟକାନ୍ତ ସାହୁ, କୃଷ୍ଣ ପ୍ରଧାନ ଓ ପ୍ରିୟବ୍ରତ ମହାଳିଙ୍କ ସମେତ ଜିଲାର ଅନେକ ଛାତ୍ର ଏବଂ ଯୁବନେତା ଯୋଗ ଦେଇଥିଲେ ।

## ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି, ଜଣେ ଗିରଫ

**କୁଜଙ୍ଗ,୫।୩(ଡି.ଏନ.ଏ.)**

କୁଜଙ୍ଗ ଥାନା ଅଧୀନ ପାନପଲି ଗ୍ରାମରେ ଥିବା ଏକ ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି କରୁଥିବାବେଳେ ୨ ଯୁବକ ରାତ୍ର ଜଗୁଆଳି ଦେବେନ୍ଦ୍ର ସ୍ୱାଇଁଙ୍କ ହାତରେ ଧରା ପଡ଼ିଥିଲେ। ପରେ ସ୍ୱାଇଁ ଏସମ୍ପର୍କରେ କୁଜଙ୍ଗ ଥାନାରେ ଜଣାଇବାରୁ ପୋଲିସ ପହଞ୍ଚି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଧରିବା ସହ ବ୍ୟାଟେରିକୁ ଜବତ କରି ଥାନାକୁ ଆଣିଥିଲା। ସେମାନେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡକିପୁର ମଠସାହିର ବିକାଶ ଭଟ(ବାପିନା)। ଅନ୍ୟଜଣଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ କେବଳ ବିକାଶଙ୍କ ନାମରେ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ। ଅନ୍ୟଜଣକ ମାନସିକ ବିକୃତ ହୋଇଥିବା ଅନୁମାନ କରାଯାଉଥିବାରୁ ତାଙ୍କୁ ଗିରଫ କରା ନ ଯାଇ ପଚରା ଉଚରା ପାଇଁ ଅଟକ ରଖାଯାଇଥିବା ଥାନା ଅଧିକାରୀ ଦିଲିପ ସାହୁ ପ୍ରକାଶ କରିଛନ୍ତି।

## ହିତାଧିକାରୀଙ୍କ ଘର ଆଗରେ ଧାରଣା


ଜଣେ ହିତାଧିକାରୀଙ୍କ ଘର ଆଗରେ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଧାରଣା ଦେଇଛନ୍ତି।

**ତିର୍ତ୍ତୋଲ,୫।୩(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ କେତେକ ପଞ୍ଚାୟତରେ ହିତାଧିକାରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ଧାର୍ଯ୍ୟ ସମୟରେ ଘର କରୁନାହାନ୍ତି। ଏହାଦ୍ୱାରା ବ୍ଲକରେ ଆବାସ ଯୋଜନାର କାର୍ଯ୍ୟକାରିତାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହାକୁ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପାକାଶ ପାଇବା ସହ ପ୍ରତିବାଦ ସ୍ୱରୁପ ଘଣ୍ଟବାଡ଼ାଇ ସଚେତନ କରାଇବା ଓ ହିତାଧିକାରୀଙ୍କ ଘର ଆଗରେ ଅଧିକାରୀମାନେ ଧାରଣରେ ବସିବା ଦେଖିବାକୁ ମିଳିଛି। ଏହା ଫଳରେ ହିତାଧିକାରୀ ଘର ତିଆରି ନିମନ୍ତେ ପ୍ରତିଶ୍ରୁତି ଦେଉଥିବା ଦେଖାଯାଇଛି। ଏହିକ୍ରମରେ ବିରିତୋଳ, ମୂଳିସିଂ ଓ ସଅାଁରା ପଞ୍ଚାୟତରେ ପ୍ରଶାସନିକ ଅଧିକାରୀମାନେ ହିତାଧିକାରୀଙ୍କ ଘର ଆଗରେ ଧାରଣା ଦେଇଥିଲେ। ଏଥିରେ ବିପିସି ପ୍ରିୟମ୍ବଦା ପଶାୟତ, ବିଏସଓ ବିଜୟ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ସରସ୍ୱତୀ ମୁଦୁଲୀ, ବିଜୟ କେତନ ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଶରତ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ବିନା ପ୍ରଚାର ପ୍ରସାରରେ ପାଳନ ହେଲା ପଞ୍ଚାୟତିରାଜ ଦିବସ

**ନାଉଗାଁ,୫।୩(ସ୍ୱ.ପ୍ର.)**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲା, ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ଏହି ଉତ୍ସବ ପାଳନ ପାଇଁ ବିଭାଗ ପକ୍ଷରୁ ନାଉଗାଁ ବ୍ଲକକୁ ୬୦ ହଜାର ଓ ୧୬ ପଞ୍ଚାୟତ ପାଇଁ ପ୍ରତି ପଞ୍ଚାୟତକୁ ୪ ହଜାର ଟଙ୍କା ଲେଖାଏ ଅର୍ଥ ମଞ୍ଜୁର କରାଯାଇଥିଲା। କାର୍ଯ୍ୟକ୍ରମ ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବା ସହିତ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ହେବାର ନିୟମ ଥିଲା।

ସେହିପରି ଦିବସ ପାଳନ ପୂର୍ବରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାରପ୍ରସାର କରିବା ନିୟମ ରହିଥିଲେ ମଧ୍ୟ ବ୍ଲକ ପ୍ରଶସାନ ପକ୍ଷରୁ ସେମିତି କିଛି କରାଯାଇ ନ ଥିବା ଅଭିଯୋଗ ହୋଇଛି। ଉତ୍ସବରେ ଜନପ୍ରତିନିଧିଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ନିମନ୍ତ୍ରିତ ଜନସାଧାରଣାମାନେ ଉପସ୍ଥିତ ରହିବାକୁ ଥିଲେ ମଧ୍ୟ ତାହା କରାଯାଇନାହିଁ। କାର୍ଯ୍ୟକ୍ରମକୁ ବିଡିଓ ନୋଡାଲ ଅଧିକାରୀ ଭାବେ ପରିଚାଳନା କରିବା କଥା। ମୁଖ୍ୟତଃ ସରକାରଙ୍କ ଯୋଜନାର ସଫଳତା ଉପରେ ଆଲୋକପାତ କରାଯିବା ପାଇଁ ନିର୍ଦ୍ଦେଶ ରହିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜନପ୍ରତିନିଧିଙ୍କ ସହିତ ଜନସାଧାରଣଙ୍କୁ ନିମନ୍ତ୍ରଣ କରାଯିବା ନିର୍ଦ୍ଦେଶ ଥିଲା। କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ କେତେଜଣ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ସହିତ କିଛି ଜନପ୍ରତିନିଧିଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମ କରା ଯାଇଥିବା ଦେଖିବାକୁ ମିଳିଥିଲା। ସରକାରଙ୍କ ପକ୍ଷରୁ ଯେଉଁ ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା ଏଥିରେ ସେଭଳି କିଛି କରା ଯାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିପିଇଓ ଦିନେଶ ରାୟଙ୍କୁ ପଚାରିବାରୁ ସ୍ୱଂୟ ସହାୟିକା ଗୋଷ୍ଠୀ ମହିଳାଙ୍କୁ ନେଇ କାର୍ଯ୍ୟକ୍ରମକୁ ସଫଳ କରାଯାଇଥିବା କହିଥିଲେ। ଏଥିସହିତ ଡାକବାଜି ଯନ୍ତ୍ରଦ୍ୱାରା ପ୍ରଚାର ପ୍ରସାର କରଯାଇଥିବା ସୂଚନା ଦେଇଥିଲେ।

# ବଦଳି ଯାଉଛି ପ୍ରକଳ୍ପର ସ୍ଥାନ

**ବାଲିକୁଦା,୫।୩(ସ୍ୱ.ପ୍ର.)**

**ବାଲିକୁଦା ବ୍ଲକ**



- ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନିୟମିତତା
- ରକ୍ଷଣାବେକ୍ଷଣକୁ ଅଣଦେଖା କରୁଛନ୍ତି ଠିକାଦାର
- ସାଧାରଣ ଲୋକଙ୍କ କଥାକୁ ଦିଆଯାଉନି ଗୁରୁତ୍ୱ

ବାଲିକୁଦା ବ୍ଲକ ଅଞ୍ଚଳରେ କିଛି ବର୍ଷ ହେବ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସର୍ବାଧିକ କାମ କରାଯାଉଛି। ହେଲେ ଏସବୁ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଯେଉଁ ସ୍ଥାନରେ କାମ ହେବ ବୋଲି ପ୍ରକଳ୍ପରେ ଉଲ୍ଲେଖ ରହିଛି ସେହିଠାରେ କାମ ନ ହୋଇ ଅନ୍ୟ ସ୍ଥାନରେ ହେଉଥିବା ଅଭିଯୋଗ କରାଯାଇଛି। ହେଲେ ଏହାର କୌଣସି ସମାଧାନ କରାଯାଉନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୁହାଯାଉଛି, ଏହି କାର୍ଯ୍ୟରେ ବିଭାଗୀୟ ଯନ୍ତ୍ରୀ ଠିକାଦାରଙ୍କ ସହିତ ସାମିଲ ରହୁଛନ୍ତି। କେତେଜଣ ରାଜନେତା ମଧ୍ୟ ସମ୍ପୃକ୍ତ ରହୁଛନ୍ତି। ସେହିପରି ଅନେକସ୍ଥାନରେ ନିମ୍ନମାନର କାମ ଯୋଗୁ ରାସ୍ତା ଫାଟି ଆଁ କଲାଣି। କେତେକ ସ୍ଥାନରେ କାମ ଶେଷ ନ ହେବା ପୂର୍ବରୁ ପିଚୁ ରାସ୍ତା ଦାବି ଗଲାଣି। ଏହି ଯୋଜନାରେ ହେଉଥିବା ରାସ୍ତାର ୫ ବର୍ଷ ଠିକାଦାର ରକ୍ଷଣାବେକ୍ଷଣ କରିବା କଥା। ଏଥିପାଇଁ ବ୍ୟୟ ଅଟକଳରେ ଟଙ୍କା ମହଜୁଦ ରହିଥିବା ବେଳେ ସେ ବିଭାଗୀୟ ଅଧିକାରୀ ମଧ୍ୟ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ସୂଚନା ଅନୁସାରେ, ଡେଙ୍ଗାପୋଲ ପ୍ରକଳ୍ପଟି ବାଲିକୁଦା-ବାହାରଣା ରାସ୍ତା ପାଇଁ ଉଦ୍ଦିଷ୍ଟ। କିନ୍ତୁ ଉକ୍ତ ରାସ୍ତା ଡେଙ୍ଗାପୋଲରୁ ନ ହୋଇ ବାଲିକୁଦା କାଠଗୋଲା ଛକରୁ ଆରମ୍ଭ ହୋଇ ବାହାରଣା ଯାଇଛି। କାଠଗୋଲା ଛକ ନିକଟରୁ ଡେଙ୍ଗାପୋଲ ୫ କି.ମି. ଦୂର। ସେହିପରି ଅନ୍ୟ ଏକ ପ୍ରକଳ୍ପ କନ୍ଦରପୁର-ମାଛଗାଁ ରାସ୍ତାର ନାମ ଥିବା ବେଳେ ରାସ୍ତା ମାଛଗାଁ ମେଡିକାଲ କେଉପଡା ଖଡିକାଦଣ୍ଡା ହୋଇ କୁଶୁପୁର ଯାଇଛି। ପୋଦନା ଭାୟା ଗରିଆଠାରୁ କଟିଜଙ୍ଗା ଏହି ରାସ୍ତା ପୋଦନା ପରିବର୍ତ୍ତେ ଚନ୍ଦାହୁରାଠାରୁ ଆରମ୍ଭ ହୋଇଛି। ଯାହା ପ୍ରକଳ୍ପଠାରୁ ଦେଢ କିମି ଦୂର। ଅପଣ୍ଡରାଠାରୁ ଶ୍ରୀବନ୍ତପୁର ରାସ୍ତାରେ ଏବେ ୪ଚକିଆ କିମ୍ବା ତଦୁର୍ଦ୍ଧ ଯାନ ଯିବା ଆସିବା କରି ପାରୁନାହିଁ। ଏହାର ମେଣ୍ଟେନାନ୍ସ ସମୟ ଥିଲେ ମଧ୍ୟ କରାଯାଉ ନାହିଁ। ଏଥିପାଇଁ ବାରମ୍ଵାର ବିଭାଗୀୟ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଅବଗତ କରିଥିଲେ ମଧ୍ୟ ଫଳ ଶୂନ। ୧ ବର୍ଷ ତଳେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବାଲିକୁଦା ବ୍ଲକରେ ହୋଇଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାହା ନାମକୁ ମାତ୍ର ତଦନ୍ତ କରାଯାଇ ସବୁ ରିପୋର୍ଟକୁ ବିଭାଗୀୟ ଅଧିକାରୀ ଠିକ୍ ଦର୍ଶାଇଥିଲେ। କାରଣ ଉକ୍ତ କାମର ଠିକାଦାର ବହୁ ପ୍ରଭାବଶାଳୀ। ତେଣୁ ଜଗତ୍‌ସିଂହପୁର ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିର୍ବାହୀ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ କରି ପାରୁ ନାହାନ୍ତି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀଙ୍କୁ ପିଚାରିବାରୁ ପୋଜେକ୍ଟର ନାମ ଯାହା ହୋଇଛି ପୂର୍ବରୁ ହୋଇଛି। ସେ ସବୁକୁ ଏବେ ବଦଳାଯାଇ ପାରିବ ନାହିଁ। ଯେଉଁମାନେ ମେଣ୍ଟେନାନ୍ସ କରୁନାହାନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଗୋଟିଏ ଦୁଇଟି ପ୍ରକଳ୍ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ହୋଇଯାଇଛି ବୋଲି କହିଛନ୍ତି।

## ଫଟୋରେ ଖବର


ଜଗତ୍‌ସିଂହପୁର ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜେଡି ପକ୍ଷରୁ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ କର୍ମକର୍ତ୍ତା।


ପାରାଦୀପରେ ବିଜେଡି ପକ୍ଷରୁ ଜୟଦେବ ସଦନଠାରେ ଅନୁଷ୍ଠିତ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଜନସାଧାରଣ।


ପାରାଦୀପରେ ବିଜେଡି ପକ୍ଷରୁ ଜୟଦେବ ସଦନଠାରେ ଅନୁଷ୍ଠିତ ବିଜୁବାବୁଙ୍କ ଜୟନ୍ତୀ ଉତ୍ସବରେ ଏମ୍‌ପି, ବିଧାୟକ ଓ ଅନ୍ୟ ଅତିଥିମାନେ।

# କାଗଜପତ୍ରରେ ଚାଲିଛି କେନାଲ ଜଳସେଚନ

**କେନ୍ଦ୍ରାପଡ଼ା ଜିଲା**

- ମିଳୁନି ରାଜସ୍ୱ, ବସୁନି ସମନ୍ୱୟ କମିଟି ବୈଠକ
- ଗତ ୨୫ ବର୍ଷ ମଧ୍ୟରେ ଜିଲାରେ ନୂତନ କେନାଲ ଖୋଲା ଯାଇନାହିଁ
- ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳରେ କେନାଲ ନାହିଁ

**କେନ୍ଦ୍ରାପଡା ଅଫିସ, ୫ା୩**

କେନ୍ଦ୍ରାପଡା ଜିଲାରେ ଶିଳ୍ପ ନାହିଁ । କୃଷି ଉପରେ ୬୯ ପ୍ରତିଶତ ପରିବାର ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେବେ ଏହି ଜିଲାରେ କେନାଲ ଜଳସେଚିତ ଅଞ୍ଚଳ ଭାବେ କାଗଜପତ୍ରରେ ଯାହା ଦର୍ଶାଯାଉଛି, ତାହା ବାସ୍ତବିକ ସତ୍ୟ ନୁହେଁ ବୋଲି ନିକଟରେ ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ୨୬ ନଂ. ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କ୍ଷୋଭର ସହ ପ୍ରକାଶ କରିଥିଲେ। ସେ କୁହନ୍ତି ଯେ, ରାଜସ୍ୱ ବିଭାଗର ତଥ୍ୟ ଅନୁଯାୟୀ ଏଠାରେ ମୋଟ ୮୫,୯୨୦ ଏକର ପାଇଁ ଜଳକର ମିଳୁଛି। ଅପରପକ୍ଷରେ କୃଷି ବିଭାଗ, ଜଳସମ୍ପଦ ବିଭାଗ ଓ ଉଠାଜଳସେଚନ ବିଭାଗର ତଥ୍ୟ ଅନୁଯାୟୀ କେନାଲ ମାଧ୍ୟମରେ ୪୬,୭୨୭ ହେକ୍ଟର ଅର୍ଥାତ ୧,୧୫,୪୬୫ ଏକର ଜମିକୁ ଜଳଯୋଗାଣ ହେଉଛି। ଯାହା ରାଜସ୍ୱ ବିଭାଗ ତଥ୍ୟ ଠାରୁ ୨୯,୫୪୫ ଏକର ଅଧିକ। ଜିଲାର ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳରେ କେନାଲ ନାହିଁ । ଡେରାବିଶ ତହସିଲ ଅଞ୍ଚଳରେ ୨୪,୨୩୧ ଏକର ଜମି ପାଇଁ ଜଳକର ଆଦାୟ ହେଉଛି । ତେବେ କୃଷି ବିଭାଗ ତଥ୍ୟ ଅନୁଯାୟୀ ୨୬୬୯୦ ଏକର ଜମିରେ ପାଣି ମାଡୁଛି । ସେହିପରି ଗରଦପୁରରେ ୨୦୪୯ ଏକର ପାଇଁ ରାଜସ୍ୱ ଆଦାୟ ହେଉଥିବାବେଳେ ୨୫୯୨ ଏକର, କେନ୍ଦ୍ରାପଡାରେ ୩୦,୦୮୪ ଏକର ପରିବର୍ତ୍ତେ ୪୦,୪୧୯ ଏକର, ମାର୍ଶାଘାଇରେ ୮୦୫୦ ଏକର ପରିବର୍ତ୍ତେ ୧୧୦୩୦ ଏକର, ମହାକାଳପଡ଼ାରେ ୫୪୧୯ ଏକର ପରିବର୍ତ୍ତେ ୭୪୩୦ ଏକର ଓ ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ୧୬୦୮୭ ଏକର ପରିବର୍ତ୍ତେ ୨୭୩୦୨ ଏକର ଜମିରେ କେନାଲ ମାଧ୍ୟମରେ ଜଳସେଚନ କରାଯାଉଛି ବୋଲି କୃଷି ଓ ଅନ୍ୟ ବିଭାଗ ତଥ୍ୟ ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି ଯେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ରାଜସ୍ୱ, ଜଳସମ୍ପଦ, ଉଠାଜଳସେଚନ, କୃଷି ବିଭାଗୀୟ ଅଧିକାରୀଙ୍କ ମିଳିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ପ୍ରତିବର୍ଷ ଜଳସେଚିତ ଜମିର ଆକଳନ କରିଥାନ୍ତି । ଜଳସେଚିତ ଜମିର ଆକଳନ ଜିଲାର କୃଷିନୀତି ସଫଳ ହେବାରେ ସହାୟକ ହେବା ସହିତ ରାଜସ୍ୱ ଆଦାୟ ପଥ ସୁଗମ ହୋଇଥାଏ। ତେବେ ଏହି ସମୀକ୍ଷା ବୈଠକ ବିଗତ ୧୦ ବର୍ଷ ମଧ୍ୟରେ ଅନୁଷ୍ଠିତ ହୋଇନାହିଁ।ଯ ପ୍ରତିବର୍ଷ ଜନସଂଖ୍ୟା ବଢୁଥିବାରୁ ଜଳସେଚିତ ଚାଷ ଜମିକୁ ଘରବାଡିରେ ପରିଣତ କରାଯାଉଛି। ଏଥିସହ ଏହି କିସମ ପରିବର୍ତ୍ତନ ପାଇଁ ରାଜସ୍ୱ ବିଭାଗ ନିକଟରେ ଅଦ୍ୟାବଧି ୧ ହଜାରରୁ ଅଧିକ ଆବେଦନପତ୍ର ପଡିରହିଛି । ଜଳସେଚିତ ଜମି ଘରବାଡିରେ ପରିଣତ ହେଉଥିବାରୁ ସମୀକ୍ଷା ବୈଠକ ଜରୁରୀ ହୋଇପଡିଛି । ସେହିପରି ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କୁହନ୍ତି ଯେ, ରାଜ୍ୟ ସରକାର ପ୍ରତି ବ୍ଲକ ଅଞ୍ଚଳର ଚାଷ ଜମିକୁ ଅନ୍ତତଃପକ୍ଷେ ୩୫ ପ୍ରତିଶତ ଜଳସେଚନକ୍ଷମ କରିବା ପାଇଁ ଘୋଷଣା କରିଛନ୍ତି । ତେବେ ଜଳସମ୍ପଦ ବିଭାଗ ପକ୍ଷରୁ ବିଗତ ୨୫ ବର୍ଷ ମଧ୍ୟରେ ଜିଲାରେ ନୂତନ କେନାଲ ଖୋଲା ଯାଇନାହିଁ । ଗୋବରୀ, କେନ୍ଦ୍ରାପଡ଼ା, ମାର୍ଶାଘାଇ ଜମ୍ବୁ ଆଦି କେନାଲରେ ଦିନ ଥିଲା ବୋଇତ ଚାଲୁଥିଲା । କେନାଲଗୁଡିକର ଖନନ ଓ ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏହାର ଶଯ୍ୟାପଥ ଏବେ ଖେଳପଡ଼ିଆରେ ପରିଣତ ହୋଇଛି । ନାଳ ଓ କେନାଲର ଖନନ ହେଉ ନ ଥିବାରୁ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ । ଏପରିସ୍ଥଳେ କେନାଲ ନିକଟସ୍ଥ ଜମି ଥିଲେ ମଧ୍ୟ ଜଳସେଚନରେ ବାଧା ସୃଷ୍ଟି ହୋଇଛି । ତୁରନ୍ତ ଏଥିପ୍ରତି ଜିଲାପାଳ, ଆରଡ଼ିସି, ଜଳସମ୍ପଦ ବିଭାଗ ନଜର ଦେବା ଆବଶ୍ୟକ । ଏ ସମ୍ପର୍କରେ ଏଡିଏମ ବସନ୍ତ କୁମାର ରାଉତ କୁହନ୍ତି ଯେ, ନୂତନ କେନାଲ ଖୋଲାଗଲେ ରାଜସ୍ୱ ବିଭାଗ ସହିତ ଜଳସମ୍ପଦ ଓ ଅନ୍ୟାନ୍ୟ ବିଭାଗର ଏକ ସମନ୍ୱୟ କମିଟିର ବୈଠକ ବସିଥାଏ । ଏଥିରେ ଜଳସେଚନ ଯୋଗ୍ୟ ଆୟାକଟକୁ ହିସାବକୁ ନିଆଯାଇଥାଏ । ତେବେ ଜିଲାରେ ଜଳକର ଆଦାୟ ହେଉଥିବା ଜମିର ପୁନଃସମୀକ୍ଷା ହେଲେ ରାଜସ୍ୱ ବଢ଼ିବା ସହିତ ଜିଲାର କୃଷିନୀତି ସଫଳ ହେବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ରାଜନଗରରେ ବିଜୁ ଜୟନ୍ତୀ

**ରାଜନଗର,୫ା୩(ଡି.ଏନ.ଏ.):** ପ୍ରବାଦ ପୁରୁଷ ତଥା ରାଜନଗରର ପୂର୍ବତନ ବିଧାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ରାଜନଗରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରାଜନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସକାଳେ ରାମଧୂନ ସହିତ ପ୍ରଭାତ ଫେରି କରାଯାଇଥିଲା। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, କୁମାରୀ ସବିତା ସେଠୀ, ବରିଷ୍ଠ ନେତା ନିରଞ୍ଜନ ରାଉତ, ବାଇଧର ସେଠୀ, ନରହରି ଜେନା, ପ୍ରସନ୍ନ କୁମାର ଦାସ, ବିଜୟ କୁମାର ରାଉତ, ସରୋଜକାନ୍ତ ରାଉତ, ଜ୍ଞାନ ରଞ୍ଜନ ନାୟକ, ଅମର କୁମାର ସେଠୀ, ବ୍ଲକ ବିଜୁ ଯୁବବାହିନୀର ସଂପାଦକ ବିରଞ୍ଚି ନାରାୟଣ ସ୍ୱାଇଁ, ରୋହିତ କୁମାର ରାଉତ, ଅଶୋକ କୁମାର ରାଉତ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ସେହିପରି ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧକ୍ଷ ଅକ୍ଷୟ କୁମାର ମିଶ୍ର, ପ୍ରାକ୍ତନ ଅଧକ୍ଷ ଡ. ହରେକୃଷ୍ଣ ମିଶ୍ର, କିଶୋର ଚନ୍ଦ୍ର ତ୍ରିପାଠୀ, ବସନ୍ତ କୁମାର ହାତୀ, ସଂଗୀତଜ୍ଞ ରାମଚନ୍ଦ୍ର ବାରିକ, ବାଟୋଇ ସଂପାଦକ ଶତ୍ରୁଘ୍ନ ତରାଇ, ଅଭିରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ।

### ପଞ୍ଚାୟତିରାଜ ଦିବସ ପାଳିତ

**ମାର୍ଶାଘାଇ,୫ା୩(ଡି.ଏନ.ଏ.):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ମାର୍ଶାଘାଇ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବିଡିଓ ଶ୍ରୀଧର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ସୀତାଲତା ପରିଡା ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ମମତା ପ୍ରଧାନ,ଅତିରିକ୍ତ ବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁ ଯୋଗଦେଇ ବିଜୁ ବାବୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମାର୍ଶାଘାଇ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି।

### ରାଜନଗରରେ ପଞ୍ଚାୟତିରାଜ ଦିବସ ପାଳିତ

**ରାଜନଗର, ୫ା୩(ଡି.ଏନ.ଏ.):** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଅବସରରେ ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି । ରାଜନଗର ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ମନ୍ଦରଧର ମହାଲିକ, ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଜଳଧର ବେହେରା, ସହକାରୀ ଯନ୍ତ୍ରୀ ଦେବ ରଞ୍ଜନ ବେହେରା, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଧର୍ମାନନ୍ଦ ଦାସ, ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ଜୀବିକା ମିଶନର ବ୍ଲକ ସଂଯୋଜକ ରଶ୍ମୀରଞ୍ଜନ ଦାସ, ବୁଦ୍ଧପଦ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସେହିପରି ରାଜନଗର ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ସରପଞ୍ଚ ପ୍ରଭାତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିସଭ୍ୟ ସତ୍ୟବାନ ସେଠୀ, ଜିଆରଏସ ପ୍ରମୋଦ କୁମାର ସାହୁ, ବିଚିତ୍ର କୁମାର ମଲ୍ଲିକ, ରଶ୍ମୀରଞ୍ଜନ ନାୟକ, ସରସ୍ୱତୀ ସେଠୀ, ଅନିରୁଦ୍ଧ ମଲିକ, ପଙ୍କଜ କୁମାର ସାହୁ, ଯୁଧିଷ୍ଠିର ଦାସ ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହାଛଡା ଭିତରଗଡ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସଙ୍ଗୀତା ବଳଙ୍କ ଅଧକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି।

## ନବନିଯୁକ୍ତ ବିଜେଡି ନେତୃବୃନ୍ଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଡେରାବିଶ,୫ା୩(ସ୍ୱ.ପ୍ର.)– ନବ ନିଯୁକ୍ତ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରଡା, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ସଞ୍ଜୟ ଅଗ୍ରୱାଲ ଓ ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କୁ ଇତିମଧ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଯୁବନେତା ମନୀନ୍ଦ୍ର ପ୍ରସାଦ ରଥଙ୍କ ନେତୃତ୍ୱରେ ଦଳର ବହୁ ବରିଷ୍ଠ ନେତା ଓ କର୍ମୀ ଏହି ତିନି ନେତାଙ୍କୁ ସ୍ୱାଗତ ଜଣାଇଥିଲେ । ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଏହି ନେତୃବନ୍ଦଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସେମାନେ ଜିଲା ବିଶେଷ କରି ପାଟକୁରା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ତଥା ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯକ୍ରମରେ ଜିଲା ପରିଷଦ ସଭ୍ୟା ମନୋରମା ସାହୁ, ପୂର୍ଣ୍ଣିମା ମଲ୍ଲ, ଜବା ମୁର୍ମୁ ଉପସ୍ଥିତ ଥିଲେ ।

## ତାରକବାବାଙ୍କ ପୀଠରେ ମହିମା ମହୋତ୍ସବ

**ଡେରାବିଶ,୫ା୩ (ସ୍ୱ.ପ୍ର.)**



ବ୍ରହ୍ମ ଅବଧୂତ ତାରକବାବା।

ଓଡିଶାର ଦ୍ୱିତୀୟ ଯୋରନ୍ଦା ଭାବେ ପରିଚିତ ଡେରାବିଶ ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଖାନନଗରସ୍ଥିତ ସିଦ୍ଧ ମନୋହର ବାବା ଓ ତାରକ ଚନ୍ଦ୍ର ବାବାଙ୍କ ପୀଠରେ ଗୁରୁବାର ମହିମା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ଅବଧୂତ କିଶୋର ଚନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ଏହି ମହୋତ୍ସବ ହୋଇଥିଲା । ଗୁରୁବାର ପ୍ରାତଃରେ ମହିମା ଆଶ୍ରମ ପରିସରରେ ଥିବା ଧୂନି ମନ୍ଦିରରେ ଧୂନି ସ୍ଥାପନ, ଅଖଣ୍ଡବତି ପ୍ରଜ୍ୱଳନ, ସାଧୁ ଭିକ୍ଷା ଓ ବ୍ରହ୍ମଧୂନିରେ ବ୍ରହ୍ମାହୁତି ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଅଖଣ୍ଡ ଖାଡ଼ ପ୍ରଜ୍ୱଳନ ସହ ମହିମା ସାଧୁଙ୍କ ଦ୍ୱାରା ବେଢ଼ା ପରିକ୍ରମା ଓ ଭଜନ ପରିବେଷଣ କରାଯାଇଥିଲା। ରାତିରେ ମହିମା ଧର୍ମ ସମ୍ପର୍କରେ ସାଧୁମାନେ ଧର୍ମାଲୋଚନା କରିଥିଲେ। ରାତି ୯ଟାରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ବିଜୁ ଜୟନ୍ତୀ ପାଳିତ

**ରାଜକନିକା, ୫ା୩ (ଡି.ଏନ.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ କଣ୍ଠିଆହାଟସ୍ଥ ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ ପୌରୋହିତ୍ୟ କରିଥିଲେ । ଏଥିରେ ହାଟସାହି ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଭୟ କୁମାର ବେଉରିଆ, ଖରସ୍ରୋତା ସାଂସ୍କୃତିକ ପରିଷଦର ସହକାରୀ ସଂପାଦକ ନିତ୍ୟାନନ୍ଦ ସାହୁ, ହାଟସାହି କୃଷି ସମବାୟ ସମିତିର ସଂପାଦକ ଲୋକନାଥ ସାମଲ, ଶିବରାମ ଦାସ, ଈଶାନେଶ୍ୱର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଦ୍ୟାଧର ଦାସ , ଶିକ୍ଷକ ମିତ୍ରଭାନୁ ସାମନ୍ତସିଂହାର, ପଣ୍ଡିତ ବଟକୃଷ୍ଣ ପଣ୍ଡା , ସଞ୍ଜୟ କୁମାର ସାମଲ , ନନ୍ଦିନୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ହାଟସାହି ବି. ଆର. ସାଇନସ କଲେଜ , ହାଟସାହି ହାଇସ୍କୁଲ , କଣ୍ଠିଆହାଟ ଫାଣ୍ଡି ପ୍ରତିଷ୍ଠାରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ବକ୍ତାମାନେ ମତ ପ୍ରକାଶ କରିଥିଲେ ।

## ପଞ୍ଚାୟତିରାଜ ଦିବସ ପାଳନ



ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୫ା୩**

କେନ୍ଦ୍ରାପଡା ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଛି । ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଏଥିରେ ଶିକ୍ଷାବିତ ଭଜମନ ରାଉତ, ଡ. ବାସୁଦେବ ଦାସ, ବିଡିଓ ସୁଧୀର କୁମାର ସିଂ, ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେମାନେ ପ୍ରକାଶ କରିଥିଲେ ଯେ, ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମ୍ୟବିକାଶକୁ ଗୁରୁତ୍ୱ ଦିଆଯାଇଛି । ନାରୀଙ୍କୁ ସ୍ୱାବଲମ୍ବୀ କରିବା ସହିତ ସଶକ୍ତୀକରଣ କରାଯାଉଛି। ଖାଦ୍ୟ, ପାନୀୟ ଜଳ, ଯାତାୟାତ ପଥ, ବିଦ୍ୟୁତ, ବାସଗୃହ ଆଦି ମୌଳିକ ଆବଶ୍ୟକତାକୁ ପୂରଣ କରାଯାଇଛି । ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥା ପହଞ୍ଚିଛି। ଏହି ବ୍ୟବସ୍ଥା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସ୍ୱପ୍ନ ଦେଖିବା ସହିତ କାର୍ଯ୍ୟକାରୀ ପାଇଁ ଆହ୍ୱାନ ଦେଇଥିଲେ । ତାଙ୍କ ଜନ୍ମଦିନକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷା ସ୍ନେହଲତା ପ୍ରଧାନ ପରିଚାଳନା କରିଥିଲେ । ଏଥିରେ ଲୋକପ୍ରତିନିଧିଙ୍କ ସହ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ସେହିପରି ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଡିଆରଡିଏ ହଲରେ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ମାନସ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପିଡି ଦିଲୀପ କୁମାର ପରିଡା, ସଭ୍ୟ ଜଗନ୍ନାଥ ରାଉତ, ସନ୍ତୋଷ କୁମାର ଜେନା ସମ୍ମାନିତ ଅତିଥି ଥିଲେ ।

## ଅଚ୍ୟୁତପୁରକୁ ହରାଇ ପ୍ରଗତି ସ୍ପୋର୍ଟିଂ ସେମିରେ

**ଜଗବନ୍ଧୁ ମିଶ୍ର ସ୍ମାରକୀ କ୍ରିକେଟ**

**ଆଳି,୫ା୩ (ଡି.ଏନ.ଏ.)**


ଖେଳାଳି ଓ ଅନ୍ୟମାନେ।

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ୬ଷ୍ଠ ଜଗବନ୍ଧୁ ମିଶ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ ମ୍ୟାଚ ଆଳି ବେତାର ପ୍ରଗତି ସ୍ପୋର୍ଟିଂ କ୍ଲବ ଓ ରାଜକନିକାର ଅଚ୍ୟୁତପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବର୍ଷା କାରଣରୁ ମ୍ୟାଚକୁ ୨୫ ଓଭର ପରିବର୍ତ୍ତେ ୧୫ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ଅଚ୍ୟୁତପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ଉଇକେଟ ହରାଇ ୧୦୧ରନ କରିଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୨.୧ ଓଭରରେ ୪ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚରେ ଅତିଥି ଭାବେ ଶିକ୍ଷାବିତ୍ ଧନେଶ୍ୱର ପାତ୍ର, ବୀରେନ୍ଦ୍ର ପଣ୍ଡା, ଶରତ କୁମାର ତ୍ରିପାଠୀ, ଭକ୍ତବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଅମ୍ପାୟର ଭାବେ ବିଶ୍ୱଜିତ ଅଧିକାରୀ ଓ ନିରଞ୍ଜନ ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ ।

## ଦୈନନ୍ଦିନ ଜୀବନରେ ରହିଛି ବିଜ୍ଞାନର ଆବଶ୍ୟକତା

**ମାର୍ଶାଘାଇ,୫ା୩(ଡି.ଏନ.ଏ.)**

ମାର୍ଶାଘାଇ ମହାବିଦ୍ୟାଳୟ ବିଜ୍ଞାନ ସଂସଦର ପୁରସ୍କାର ବିତରଣୀ ଉତ୍ସବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ, ଅମିୟ କୁମାର ଜେନାଙ୍କ ଅଧକ୍ଷତାରେ ହୋଇଥିବା ଏହି ଉତ୍ସବରେ ପଦାର୍ଥ ବିଜ୍ଞାନର ମୁଖ୍ୟ ପ୍ରଧାପିକା ଅନୁପମା ଦାସ,ପ୍ରାଣୀ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବେହେରା,ରସାୟନ ବିଭାଗର ମୁଖ୍ୟ ଅଧ୍ୟାପକ ଦୀପକ କୁମାର ଦାସ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଜ୍ଞାନର ଗୋଟିଏ ଗୋଟିଏ ଉଦ୍‌ଭାବନ ସମାଜର ଦିଗ ବଦଳାଇ ଦେଇପାରେ। ପୃଥିବୀରେ ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା କ୍ଷେତ୍ରରେ ବିଜ୍ଞାନର ଭୂମିକା କମ ନୁହେଁ ବୋଲି କହିଥିଲେ। ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଇପସିତା ବେହେରା,ବିଶ୍ୱରୂପା ପଣ୍ଡା,ଜନ୍ମେଞ୍ଜୟ ସ୍ୱାଇଁ, ବିବେକାନନ୍ଦ ମହାପାତ୍ର, ସୁଶ୍ରୀ କୁନମୁନ ନାୟକ, ଉଦୟ ପରିଡା ଓ ବିକ୍ରମ ମଲିକଙ୍କୁ ପୁରସ୍କୃତ କରାଯାଇଥିଲା।


ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଗୁରୁବାର କେନ୍ଦ୍ରାପଡ଼ା ସହରର ମେଡିକାଲ ଛକରେ ଥିବା ପ୍ରତିମୂର୍ତ୍ତିରେ ଯୁବ ସେବା ମଞ୍ଚ ସଦସ୍ୟଙ୍କ ପକ୍ଷରୁ ମାଲ୍ୟାର୍ପଣ।

## ୮ରେ ଓଳକଣା ମେଳଣ

**ଡେରାବିଶ, ୫ା୩ (ସ୍ୱ.ପ୍ର.)**


ଆଲୋଚନାରେ ସମୟରେ ଉପସ୍ଥିତ ଠାକୁରବାଡ଼ି ସେବକ ପ୍ରତିନିଧି।

ଆସନ୍ତା ୮ ତାରିଖରେ ପ୍ରସିଦ୍ଧ ଓଳକଣା ମେଳଣ ଅନୁଷ୍ଠିତ ହେବ । ଏଥିପାଇଁ ଉଭୟ କେନ୍ଦ୍ରାପଡା ଓ କଟକ ଜିଲା ପ୍ରଶାସନ ସମେତ ମେଳଣ ସମନ୍ୱୟ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ବୁଧବାର ସନ୍ଧ୍ୟାରେ ଏହି ମେଳଣକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ମେଳଣ ପଡିଆ ମଧ୍ୟରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିର ବେଢାରେ ପ୍ରଶାସନିକ ଆଲୋଚନା ହୋଇଯାଇଛି । ସମନ୍ୱୟ କମିଟି ସଭାପତି ମହନ୍ତ ଡ. ନାମାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଆଲୋଚନା ସମୟରେ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ମାହାଙ୍ଗା ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ରହି ସମସ୍ତ ଠାକୁରବାଡି ସେବକଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଚଳିତବର୍ଷ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ତ ବିମାନ କିପରି ମେଳଣ ପଡିଆକୁ ଆସିବେ ସେନେଇ ଆଲୋଚନା କରାଯାଇଥିଲା । ଗତବର୍ଷ ମେଳଣରେ ପ୍ରଶାସନର ବାରଣ ଓ ଜନସାଧାରଣଙ୍କ ଅନୁରୋଧ ସତ୍ତ୍ୱେ ବି କେତେକ ବିମାନ ସମ୍ମୁଖରେ ଉଚ୍ଚଶକ୍ତି ସମ୍ପନ୍ନ ଡାକବାଜି ଯନ୍ତ୍ର ପଟୁଆରରେ ସାମିଲ ହେବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ଆଲୋଚନାରେ ଅଂଶଗ୍ରହଣ କରିଥିବା ଡେରାବିଶ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ ସୂଚନା ଦେଇଥିଲେ । ସେହିପରି ଉପସ୍ଥିତ କେତେକ ଠାକୁରବାଡି ସେବକ ପ୍ରତିନିଧି ମଧ୍ୟ ଚଳିତବର୍ଷ ଉଚ୍ଚଶକ୍ତି ସମ୍ପନ୍ନ ଡାକବାଜି ଓ ଡିଜେ ଯନ୍ତ୍ର ବିମାନ ପଟୁଆରରେ ନ ଆଣିବାକୁ ଅନୁରୋଧ କରିଥିଲେ। ଡେରାବିଶ ଥାନା ଅଧିକାରୀ ନାୟକ ଏହି ପ୍ରସ୍ତାବକୁ ଗୁରୁତ୍ୱ ଦେଇ କୌଣସି ବିମାନ ସମ୍ମୁଖରେ ଶବ୍ଦ ପ୍ରଦୂଷଣ କରୁଥିବା ଡାକବାଜି ଯନ୍ତ୍ର ନ ଆଣିବାକୁ ସମସ୍ତ ଠାକୁରବାଡି ସେବକ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ସେହିପରି ପୋଲିସ ସହ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ସମନ୍ୱୟ କମିଟିର ଉପସଭାପତି ବିଜୟ କୁମାର ମଲ୍ଲିକ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ପଣ୍ଡା, ମକର ଚନ୍ଦ୍ର ପ୍ରଧାନ, କରୁଣାକର କର, ରତିକାନ୍ତ ସାମଲ, ପ୍ରଭଞ୍ଜନ ପ୍ରଧାନ, ପ୍ରବୋଧ କୁମାର ପ୍ରଧାନ ମହାପାତ୍ର, ଶ୍ୟାମସୁନ୍ଦର ଶତପଥୀ , ହଳଦିଆ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାହୁ, ଏଣ୍ଡର ସରପଞ୍ଚଙ୍କ ପ୍ରତିନିଧି ଶୈଳେନ୍ଦ୍ର ଜେନା, ରାଜକିଶୋର ମଲ୍ଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ, ପ୍ରସିଦ୍ଧ ଓଳକଣା ମେଳଣକୁ ୧୨୦ରୁ ଊର୍ଦ୍ଧ୍ୱ ବିମାନ ଆସିଥାନ୍ତି । ପରମ୍ପରା ଅନୁଯାୟୀ ଚତୁର୍ଦ୍ଦଶୀ ତିଥିର ବିଳମ୍ବିତ ରାତିରେ ପଡିଆ ମଧ୍ୟରେ ମାଟିରେ ନିର୍ମିତ କନକ ବେଦୀରେ ଆଳି ରାଜାଙ୍କ ଦୁଇଟି ବିମାନ ପ୍ରଥମେ ଉପବେଶନ କରିଥାନ୍ତି । ଗୋଟିଏ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଥିବା ବେଳେ ଅନ୍ୟ ଏକ ବିମାନରେ ମା’ ଲକ୍ଷ୍ମୀଙ୍କ ପ୍ରତିମା ବିଜେ କରିଥାନ୍ତି । ସେହିପରି ଶେଷରେ ଶୈବପୀଠ ଭଦ୍ରେଶ୍ୱରଙ୍କ ମନ୍ଦିରରୁ ଏକ ସ୍ୱତନ୍ତ୍ର ବିମାନରେ ଶିବଶକ୍ତି ଆସିବା ପରେ ହରିହର ମିଳନର ଭାବାବେଗ ସୃଷ୍ଟି ହୋଇଥାଏ । ପରମ୍ପରା ଅନୁଯାୟୀ ଆସନ୍ତା ବର୍ଷ ପାଇଁ ପ୍ରତ୍ୟେକ ବିମାନକୁ ଆଳି ରାଜାଙ୍କ ପକ୍ଷରୁ ଫୁଲ ଅବିର ଦିଆଯାଇ ବରଣି କରିବା ପରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ପକ୍ଷରୁ ମିଠେଇ, ଉଖୁଡ଼ା ଭୋଗ ଲାଗି କରାଯାଇଥାଏ ।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ, ୫ ଗୁରୁତର

ଚିତ୍ରଡା,୫ା୩(ଡ଼ି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ପୁରୁଣାପାଣି ଓ ଝିଙ୍କିରିଆ ନିକଟରେ ଗୁରୁବାର ସନ୍ଧ୍ୟାରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ପୁରୁଣାପାଣି ନିକଟରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଚିତ୍ରଡା ପାଟପୁରର ମାନସିଂ ମୁର୍ମୁ। ଚିକିତ୍ସା ପାଇଁ ତାଙ୍କୁ ବରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ରାତି ୮ଟା ସମୟରେ ଝିଙ୍କିରିଆସ୍ଥିତ ବାଙ୍କ ରାସ୍ତାରେ ୨ ବାଇକ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ୬ ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାସଗୋବିନ୍ଦପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଦୁଇ ଯୁବକଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ଦ୍ୱୟ ହେଲେ ସମାଇଡ଼ିହିର ସିରିଶ ହେମ୍ବ୍ରମ ଏବଂ ଝିଙ୍କିରିଆ ଚକୁଳିଆର ଅନୁ ନାୟକ। ଅନ୍ୟ ୪ଜଣ ଆହତଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଦେଶୀ ବନ୍ଧୁକ ସହ ଶିକାରୀ ଗିରଫ

ସଜନାଗଡ଼, ୫ା୩(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟ ଭିତରେ ଦିନକୁ ଦିନ ଶିକାରୀମାନଙ୍କ ପ୍ରାର୍ଦୁଭାବ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏକ ଟିମ୍ ବୁଧବାର ରାତି ୮ଟା ବେଳେ ପୁଟିବନ୍ଧ ନିକଟରେ ଚଢ଼ାଉ କରିଥିଲେ। ସେଠାରେ ତେଲିପାଳ ପଞ୍ଚାୟତର ପୁଟିବନ୍ଧ ଗ୍ରାମର ମୁନସୀ ସିଂ (୨୭) ଶିକାର ପାଇଁ ଏକ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ ନେଇ ଯାଉଥିବା ବେଳେ ବନ ବିଭାଗ ହାତରେ ଧରାପଡ଼ିଥିଲେ। ବନବିଭାଗ ବନ୍ଧୁକ ସହ ମୁନସୀଙ୍କୁ ଗିରଫ କରି ଏକ ମାମଲା (ନଂ. ୩୩/୨୦) ରୁଜୁ କରି କୋର୍ଟଚାଲାଣ କରିଛନ୍ତି। ଚଢ଼ାଉରେ କୁଲଡ଼ିହା ଫରେଷ୍ଟର ପରମାନନ୍ଦ ନାୟକ, ଗାର୍ଡ଼ ଫୁଲମଣୀ ମୁର୍ମୁ, ଆୟୁଷ୍ମାନ ପଣ୍ଡାଙ୍କ ସମେତ ସବୁଜ ବାହିନୀ ସାମିଲ ଥିଲେ।

# ଦ୍ୱିତୀୟ ଦିନରେ ୨୪ କ୍ରଶର ଉଚ୍ଛେଦ, ୬ଟି ସିଲ୍

ଧର୍ମଶାଳା/ ଜେନାପୁର,୫ା୩(ଡି.ଏନ୍.ଏ.)

**ବେଆଇନ କ୍ରଶର ଉପରେ ଧର୍ମଶାଳା ତହସିଲର ଚଢ଼ାଉ ଜାରି**

ଧର୍ମଶାଳା ତହସିଲ ପକ୍ଷରୁ ବିଛାଖଣ୍ଡିରେ ବୁଧବାରଠାରୁ କ୍ରଶର ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ପ୍ରଥମ ଦିନରେ ବେଆଇନଭାବେ ଚାଲିଥିବା ୨୦ଟି କ୍ରଶରକୁ ଭାଙ୍ଗି ଦିଆଯାଇଥିବାବେଳେ ଗୁରୁବାର ୨ୟ ଦିନରେ ଛୁଟି ଓ ବର୍ଷା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ୨୪ଟି କ୍ରଶର ଉଚ୍ଛେଦ କରାଯାଇଛି। ଏଥିସହ ୫ଟି କ୍ରଶର ଓ କୁସୁନପୁରରେ ଥିବା ଗୋଟିଏ ପିଚୁ ପ୍ଲାଣ୍ଟକୁ ସିଲ୍ କରାଯାଇଛି। ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ବିଛାଖଣ୍ଡି, କୁସୁନପୁର, ଅଞ୍ଜିରା ଓ ବଳରାମପୁର ଅଞ୍ଚଳରେ ଥିବା ବେଆଇନ କ୍ରଶର ଉପରେ ଚଢ଼ାଉ କରାଯାଇ ୨୪ଟିକୁ ଭଙ୍ଗାଯାଇଛି। ଯାଜପୁର ଏଡିଏମ୍ ମିହିର ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ଡେପୁଟି ଡାଇରେକ୍ଟର



ତହସିଲ ପକ୍ଷରୁ ଦ୍ୱିତୀୟ ଦିନରେ ଭଙ୍ଗା ଯାଉଥିବା କ୍ରଶର ।

ମାଇନ୍ସ ଆଶୀଷ ବେହେରା, ପ୍ରଦୂଷଣ ବିଭାଗ ଅଧିକାରୀ ପ୍ରମୋଦ କୁମାର ବେହେରା, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ, ଏସଡିପିଓ ଚିନ୍ମୟ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଓ ସ୍ଥାନୀୟ ବନବିଭାଗ ଅଧିକାରୀ ରଞ୍ଜନ କୁମାର ମିଶ୍ର ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଗଣ୍ଡଗୋଳ ଆଶଙ୍କା କରି ପ୍ରଶାସନ ପକ୍ଷରୁ ୩ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଉଚ୍ଛେଦରେ କ୍ରଶରଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଉଥିବାରୁ କ୍ରଶର ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଦେଖି ତହସିଲର ଅନ୍ୟ ଅଞ୍ଚଳରେ ଗଢ଼ିଉଠିଥିବା ବେଆଇନ କ୍ରଶର ମାଲିକମାନେ ଆତଙ୍କିତ ହେବା ସହିତ ଏବେ କ୍ରଶରଗୁଡ଼ିକୁ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି। ସେହିପରି ବେଆଇନ ଭାବେ ଚାଲିଥିବା ଖାଦାନଗୁଡ଼ିକ ମଧ୍ୟ ବନ୍ଦ ରହିଛି। ପୂର୍ବରୁ ପ୍ରଶାସନ ପକ୍ଷରୁ କରାଯାଇଥିବା ଉଚ୍ଛେଦ ସେତେଟା ଫଳପ୍ରଦ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ହେଲେ ବୁଧବାରଠାରୁ ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଥିବା କ୍ରଶର ଭଙ୍ଗା ମିଶନ ଆଗକୁ ସଫଳ ହେବ ବୋଲି ଆଶା କରାଯାଉଛି। ଆଗକୁ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଲଘୁଖଣିଜ ଦ୍ରବ୍ୟ ଚୋରା ଚାଲାଣ ଉପରେ ଚଢ଼ାଉ



ଲଘୁ ଖଣିଜ ଦ୍ରବ୍ୟ ବୋଝେଇ ଟ୍ରକକୁ ଜବତ କରାଯାଇଛି।

ଯାଜପୁର ଅଫିସ,୫ା୩

**ବ୍ୟାସନଗର ତହସିଲ ଅଞ୍ଚଳରେ ଧରପଗଡ଼**

- ୨୩ ଗାଡ଼ି ଜବତ, ବ୍ୟାପକ ମୋରମ, ବାଲି ଜବତ

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧିନରେ ଥିବା ମଥୁରାପୁର, ଗୁରୁଣ୍ଡେଇ, ଷଠିପୁର, ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଗୁରୁବାର ଚଢ଼ାଉ କରାଯାଇ ୨୩ଟି ବାଲି, ମୋରମ ଓ ଚିପ୍ସ ବୋଝେଇ ଗାଡ଼ି ଜବତ ହୋଇଛି। ଏଥିରେ ଗୋଟିଏ ଜେସିବି ରହିଛି। ବ୍ୟାସନଗରର ଭାରାପ୍ରାପ୍ତ ତହସିଲଦାର ଜ୍ୟୋତିକାନ୍ତ ଭୂଜବଳଙ୍କ ନେତୃତ୍ୱରେ ରସୁଲପୁର ଓ ବ୍ୟାସନଗର ତହସିଲ କାର୍ଯ୍ୟାଳୟର ଅଧିକାରୀମାନେ ଏଥିରେ ସାମିଲ ଥିଲେ। ତେବେ ପୂର୍ବରୁ ଚଢାଉ ସମ୍ପର୍କରେ ଖବର ପାଇ ପଥରପଦା, ପାଣିକୋଇଲି ଏସ୍‌ପି ଅଫିସ ପଛପଟ ଆଦି ସ୍ଥାନରୁ ମୋରମ ଓ ବାଲି ଉତ୍ତୋଳନ ବନ୍ଦ ରହିଥିଲା। ଜବତ ଗାଡ଼ିଗୁଡ଼ିକୁ ପାଣିକୋଇଲି ଥାନା ପରିସରରେ ରଖାଯାଇଥିବା ତହସିଲଦାର ଭୂଜବଳ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଚଢାଉ ଜାରି ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, କୋରେଇ ବ୍ଲକ ବ୍ୟାସନଗର ତହସିଲ ଅର୍ନ୍ତଗତ ଯୋକଡ଼ିଆ, ବ୍ୟାସ ସରୋବର, ପାଣିକୋଇଲି, ପଥରପଦା, ରଗଡ଼ି, ଗୋଳେଇପୁର ଆଦି ସ୍ଥାନରେ ରହିଥିବା ବେଆଇନ ଖାଦାନଗୁଡ଼ିକରୁ ମୋରମ, ବାଲି ଓ ମାଟି ଚୋରାଚଲାଣ ବଢ଼ିବାରେ ଲାଗିଛି। ଏକର ଏକର ଜଙ୍ଗଲ ଓ ସରକାରୀ ଜମିରୁ ଲଘୁ ଖଣିଜ ଦ୍ରବ୍ୟ ହରିଲୁଟ ହେଉଥିବାବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇ ଆସୁଥିଲେ ହେଁ କେତେକ ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଏହି ବେଆଇନ କାରବାର ଚାଲିଛି। ମେଶିନ ସହାୟତାରେ ବାଲି ଉତ୍ତୋଳନ କାରଣରୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରୁ ନ ଥିବାବେଳେ ନଦୀର ପ୍ରାକୃତିକ ସମତୁଳନ ପ୍ରକ୍ରିୟାକୁ ବ୍ୟାହତ କରୁଛି।

# ଦୁର୍ଘଟଣା ପରେ ଜଳିଗଲା ଟ୍ରକ୍-ବାଇକ୍, ଦମ୍ପତି ଗୁରୁତର

ଧର୍ମଶାଳା,୫ା୩(ଡି.ଏନ୍.ଏ.)

ଧର୍ମଶାଳା ଥାନା ୧୬ନମ୍ବର ଜାତୀୟ ରାଜପଥ ସାରୋଇ ଛକ ନିକଟରେ ଗୁରୁବାର ଏକ ବାଇକ୍‌କୁ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ବାଇକରେ ଯାଉଥିବା ଦମ୍ପତି ଗୁରୁତର ଆହତ ହୋଇଥିବାବେଳେ ଉଭୟ ଟ୍ରକ୍ ଓ ବାଇକରେ ନିଆଁ ଲାଗିଯାଇଥିଲା। ଫଳରେ ଗାଡ଼ି ଦୁଇଟି ସମ୍ପୂର୍ଣ୍ଣ ଜଳିଯାଇଛି। ଆହତ ଦମ୍ପତି ହେଲେ ଭଦ୍ରକ ଜିଲା ବନ୍ତ ଅଞ୍ଚଳର ତାପସ ତରେଇ(୩୨) ଓ ଶୁଭଲକ୍ଷ୍ମୀ ନାୟକ(୨୮)। ସେମାନେ ଏକ ବାଇକରେ ଭୁବନେଶ୍ୱରରୁ ଭଦ୍ରକ ଫେରୁଥିବାବେଳେ ପୂର୍ବାହ୍ନ ୧୦ଟାରେ ଟ୍ରକ୍(ନଂ.ଓଆର୍-୦୯-ଜେ-୮୨୮୭) ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଦମ୍ପତିଙ୍କୁ ବଡ଼ଚଣା ମେଡିକାଲ ପଠାଯାଇଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ



ଦୁର୍ଘଟଣା ପରେ ପୋଡ଼ିଯାଇଥିବା ଟ୍ରକ ଓ ବାଇକ।

ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଗାଡ଼ି ଜଳୁଥିବା ଖବର ପାଇ ଚଣ୍ଡିଖୋଲ ଦମକଳ ବାହୀନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ସମୟରେ ଉକ୍ତ ରାସ୍ତାଦେଇ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପଟେ ଶହଶହ ଗାଡ଼ି ଅଟକି ରହିଥିଲା। ଏନେଇ ଧର୍ମଶାଳା ପୋଲିସ ଏକ ମାମଲା(ନଂ. ୮୮/୨୦) ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

## ଲୁହାପଥର ବୋଝେଇ ଗାଡ଼ି ଜବତ, ୨ ଗିରଫ

ବିଶୋଇ,୫ା୩(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳରେ ଦୀର୍ଘଦିନ ହେବ ବେଆଇନ ଲୁହାପଥର ଚାଲାଣ ହୋଇ ଆସୁଛି। ଗୁରୁବାର ସ୍ଥାନୀୟ ବନ ବିଭାଗ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚାଲାଣରେ ବ୍ୟବହୃତ ଏକ ଟ୍ରାକ୍ଟର ଓ ହାଇୱା ଜବତ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡ ରାଜ୍ୟର ସରେଇକଳା ଖରସୁଆଁ ଜିଲାସ୍ଥିତ ଆଦିତ୍ୟପୁର ଥାନା ଅଞ୍ଚଳର ଆଶୁତୋଷ ସିଂ ଓ ରଣବିଜୟ ସିଂ। ଅଭିଯୁକ୍ତ ଦ୍ୱୟ ବିଶୋଇ ଫରେଷ୍ଟ ରେଞ୍ଜ ଅଧୀନ ଦ୍ୱାରଶୁଣି ଓ ହାତୀଛାଡ଼ ଗ୍ରାମ ନିକଟସ୍ଥ ଘୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ନଂ.୪ରୁ ଗୁରୁବାର ଏକ ଟ୍ରାକ୍ଟର ଓ ହାଇୱାରେ ବେଆଇନ ଭାବେ ଲୁହାପଥର ଲୋଡିଂ କରୁଥିଲେ। ଖବର ପାଇ ବିଶୋଇ ଫରେଷ୍ଟ ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ପୃଷ୍ଟିଙ୍କ ସମେତ ଫରେଷ୍ଟର ଅଜିତ ମହାନ୍ତି, ରାଜାବସା ବିଟର ଫରେଷ୍ଟ ଗାର୍ଡ ପ୍ରଭାତ ରଞ୍ଜନ ମହାନ୍ତ, ଦେଓପଟା ବିଟର ଫରେଷ୍ଟ ଗାର୍ଡ କିରାଣୀ ମହାନ୍ତ, ଗାରଗାଡି ବିଟର ଫରେଷ୍ଟ ଗାର୍ଡ ରାମଚନ୍ଦ୍ର କାରୁଆ ପ୍ରମୁଖ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ସୌଦି ଆରବରୁ ଫେରିଲା ଓଡ଼ିଆ ଯୁବକଙ୍କ ମୃତଦେହ

ରତ୍ନଗିରି,୫ା୩(ଡିଏନଏ)

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କମ୍ପାଗଡ ଗ୍ରାମର ସ୍ୱର୍ଗତ ବନମାଳି ଦାଶଙ୍କ ବଡ ପୁଅ ମୁକୁନ୍ଦ ପ୍ରସାଦ ଦାଶ (୪୮)ଙ୍କର ସୌଦି ଆରବରେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ସେ ସେଠାରେ ଜଣେ ତାଲିମପ୍ରାପ୍ତ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସହ କାମ କରୁଥିବା ରାଜସ୍ଥାନର ଜଣେ ଯୁବକଙ୍କଠାରୁ ପରିବାର ଲୋକ ଏହି ମୃତ୍ୟୁ ବିଷୟରେ ଅବଗତ ହୋଇଥିଲେ। ମୃତଦେହ ଜନ୍ମସ୍ଥାନକୁ ଆସିବାପାଇଁ ବହୁ ବିଳମ୍ବ ହୋଇଥିଲା। ପରିବାର ପକ୍ଷରୁ ଅନେକବାର ଉଦ୍ୟମ କରିବା ପରେ ଶେଷରେ ଆଜି ମରଶରୀର ନିଜ ଗାଁ ବରୀ ବ୍ଲକ୍ କମ୍ପଗଡରେ ଆସି ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଜିଲା କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଯାଜପୁର ଟାଉନ,୫ା୩(ଡିଏନଏ):** ଯାଜପୁର ଜିଲା କଂଗ୍ରେସ କମିଟି ତରଫରୁ ସଭାପତି ମନୋଜ କୁମାର ରାଉତଙ୍କ ନେତୃତ୍ୱରେ ଓଡ଼ିଶା ରାଜୀବ ଗାନ୍ଧୀ ପଞ୍ଚାୟତ ସଙ୍ଗଠନର ଏକ ସ୍ମାରକପତ୍ର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର କୁଳମଣି ନାୟକଙ୍କ ଜରିଆରେ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ବିଜେଡି ସରକାର ଅମଳରେ ଭାରତର ସାମ୍ବିଧାନିକ ବ୍ୟବସ୍ଥା ଓ ସମ୍ବିଧାନର ୭୩ ଓ ୭୪ତମ ସଂଶୋଧନ ଆଇନକୁ ଉଲ୍ଲଂଘନ କରି ଲୋକପ୍ରତିନିଧିଙ୍କ ସାମ୍ବିଧାନିକ କ୍ଷମତାକୁ ସଙ୍କୁଚିତ କରାଯାଉଛି। ଗତ ୧୭ ତାରିଖରେ ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଡି.କେ. ସିଂହ ଜିଲାପାଳଙ୍କୁ ପଞ୍ଚାୟତର କୌଣସି ପ୍ରକଳ୍ପର ଅନୁମୋଦନ କିମ୍ବା ଅର୍ଥରାଶି ବିଡିଓଙ୍କ ଦସ୍ତଖତ ବିନା କାର୍ଯ୍ୟକାରୀ ହେବନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ସମ୍ବିଧାନ ବିରୋଧୀ। ପଞ୍ଚାୟତିରାଜ ବ୍ୟବସ୍ଥା ବର୍ତ୍ତମାନ ସରକାରଙ୍କ ଅମଳରେ ଅଫିସର ରାଜରେ ପରିଣତ ହୋଇଛି। ଏହା ବିରୋଧରେ ଓଡ଼ିଶା ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଙ୍ଗଠନ ତରଫରୁ ଜିଲା କଂଗ୍ରେସ କମିଟି ମାଧ୍ୟମରେ ପ୍ରତ୍ୟେକ ଜିଲାପାଳଙ୍କ ଜରିଆରେ ଓଡ଼ିଶା ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲା କଂଗ୍ରେସ ତରଫରୁ ଏକ ପ୍ରତିନିଧି ଦଳ ଦାବିପତ୍ର ମାଧ୍ୟମରେ ପଞ୍ଚାୟତ ପ୍ରତିନିଧିଙ୍କ ଭତ୍ତା ବୃଦ୍ଧି, ପେନସନ୍ ବ୍ୟବସ୍ଥା, ଆବାସ ଯୋଜନା, ବିଜୁ ପକ୍କାଘର ଆଦି ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସନ୍ତୋଷ କୁମାର ନନ୍ଦ, ବଳଭଦ୍ର ଦାସ, ବିଷ୍ଣୁଚରଣ ରାଉତ, ବିଭୂତି ମହାପାତ୍ର, ଦୁର୍ଯ୍ୟୋଧନ ବେହେରା ଏଥିରେ ପ୍ରମୁଖ ଉପସ୍ଥିତ ଥିଲେ।

# ୮ ମାସ ପରେ ଲୁହା ଜଞ୍ଜିରରୁ ମୁକୁଳିଲେ

ରସୁଲପୁର,୫ା୩(ଡି.ଏନ୍.ଏ.)

**ଶିକୁଳିରେ ବନ୍ଧା ଗଣେଶ୍ୱର ପାଖରେ ପହଞ୍ଚିଲା ଜିଲା ପ୍ରଶାସନ**

ରସୁଲପୁର ବ୍ଲକର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଧର୍ମଶାଳା ବ୍ଲକର ମଙ୍ଗଳପୁର ପଞ୍ଚାୟତ କୋଠିଡିହ ଗ୍ରାମରେ ଗଣେଶ୍ୱର ସାହୁ(୫୦) ନାମକ ଜଣେ ବ୍ୟକ୍ତିଙ୍କୁ ଶିକୁଳିରେ ବନ୍ଧାଯାଇ ବନ୍ଦ କୋଠରୀରେ ବନ୍ଦ ରଖାଯାଇଥିଲା। ଦୀର୍ଘ ୮ମାସ ଧରି ପରିବାର ଲୋକେ ଗଣେଶ୍ୱରଙ୍କୁ ଶିକୁଳିରେ ବାନ୍ଧି ରଖିଥିବା ନେଇ ଜିଲା ପ୍ରଶାସନ ଅବଗତ ହେବାପରେ ବୁଧବାର ଅପରାହ୍ନରେ କୋଠିଡିହ ଗ୍ରାମରେ ପହଞ୍ଚିଥିଲା। ବନ୍ଦ କୋଠରୀ ନିଃସଙ୍ଗ ଜୀବନ ବିତାଉଥିବା ଗଣେଶ୍ୱରଙ୍କୁ ପଦାକୁ ବାହାର କରିବା ସହ ତାଙ୍କ ବେକ ଓ ଗୋଡ଼ରେ ଶିକୁଳି ବନ୍ଧା ଯାଇଥିଇଥିବା ଦେଖିବାକୁ ପାଇଥିଲା। ଦୀର୍ଘ ଦିନ ଧରି ଶିକୁଳିରେ ବନ୍ଧା ହୋଇ ରହିଥିବାରୁ ବେକରେ ଦାଗ ସୃଷ୍ଟି ହୋଇଥିଲା। ବିଶେଷକରି ସେ ଗାଧୋଉ ନଥିବାରୁ ଶରୀରର ବିଭିନ୍ନ ସ୍ଥାନରେ ଚର୍ମ ରୋଗ ଦେଖିବାକୁ ମିଳିଥିଲା। ଏହା ଦେଖି ଜିଲାସ୍ତରୀୟ ପ୍ରତିନଧି ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ଶୁକିଳିରେ ଝୁଲୁଥିବା ତାଲାର ଚାବି ଆଣିବାକୁ ପରିବାର ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଚାବି ମିଳି ନ ଥିଲା। ଶେଷରେ ଅଧିକାରୀଙ୍କ ନିର୍ଦ୍ଦେଶରେ ଲୁହା ବ୍ଲେଡ ସହାୟତାରେ ଜଞ୍ଜିର କଟାଯାଇ ଗଣେଶ୍ୱରକୁ ବନ୍ଦୀ ଜୀବନରୁ ମୁକୁଳା ଯାଇଥିଲ। ଗଣେଶ୍ୱରଙ୍କ ୨ ପୁଅ ଅଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇଥିବାରୁ ବଡ଼ ପୁଅକୁ ମାମୁଁ ଘର ନେଇ ଯାଇଛନ୍ତି। ସାନପୁଅ ମା' ପାଖରେ ରହୁଛି । ତେଣୁ ପିଲାର ପାଠ ପଢିବା ପାଇଁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବାକୁ ଜିଲା ପ୍ରଶାସନ ନିକଟରେ ଜିଲା ଶିଶୁ ସୁରକ୍ଷା ୟୁନିଟରୁ ଆସିଥିବା କର୍ମକର୍ତ୍ତା ମହିର କୁମାର ଜେନା, ଶିଶିର କୁମାର ମଲ୍ଲିକ, ମାସୁମ୍ ଗ୍ରପ୍‌ର ଅଧକ୍ଷ ମଣ୍ଟୁ ଦାସ ପ୍ରମୁଖ ପ୍ରସ୍ତାବ ରଖିଛନ୍ତି।

ପ୍ରକାଶ ଥାଉ କି ଗଣେଶ୍ୱର ସହ କୌଣସି କାରଣରୁ ସେହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ସେହି ଅଭିଯୋଗରେ ସେ ଜେଲ୍ ଯାଇଥିଲେ। ୮ମାସ ପରେ ଜେଲରୁ ମୁକୁଳିବା ପରେ ପରିବାର ଲୋକଙ୍କ ସହ ଯେ ଝଗଡ଼ା କରିଥିଲେ। ଗଣେଶ୍ୱରଙ୍କ ମାନସିକ ସ୍ଥିତି ଭଲ ନ ଥିବା ଭାବି ପରିବାର ଲୋକେ ତାଙ୍କୁ ଏକ ଶିକୁଳିରେ ବାନ୍ଧି ରଖିଥିଲେ। ଶିକୁଳିରୁ ମୁକୁଳିବା ପରେ ଅଧିକାରୀମାନେ ଉଭୟ ପରିବାର ଲୋକ ଓ ଗଣେଶ୍ୱରଙ୍କୁ ବୁଝାଇବା ସହ ସମସ୍ତେ ସହଯୋଗ ଓ ସହମ୍ମତିରେ ଚଳିବା ପାଇଁ ପରାମର୍ଶ ଦେଇଛନ୍ତି।



ପ୍ରଶାସନିକ ଅଧିକାରୀଙ୍କ ସହ ଗଣେଶ୍ୱର ସାହୁ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସମଗ୍ର ପୃଥିବୀ ତୁମ ପାଇଁ ପରିବର୍ତ୍ତନ ହେବ ନାହିଁ, ତୁମେ ନିଜକୁ ହିଁ ପରିବର୍ତ୍ତନ କରିବାକୁ ପଡ଼ିବ।
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଲାପ୍‌ଟପ ଚୋରି ଅଭିଯୋଗରେ ଜଣେ ଗିରଫ

**ଯାଜପୁର ଅଫିସ,୫।୩:** ଲାପ୍‌ଟପ ଚୋରି ଅଭିଯୋଗରେ ପାଣିକୋଇଲି ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବାରିପଦାରୁ ଭୁବନେଶ୍ୱର ଦୀପମାଳା ବସ୍‌ରେ ଆସୁଥିବା ଭଦ୍ରକ ଜିଲା ଧୁଷୁରୀ ଥାନା ଅନ୍ତର୍ଗତ ଷଠିପଡ଼ା ଗ୍ରାମର ଅରୁଣ ବେହୁରାଙ୍କ ଏକ ଲାପ୍‌ଟପ ଚୋରି ହୋଇଥିଲା। ସେ ଭଦ୍ରକରେ ଓହ୍ଲାଇ ଘରକୁ ଯିବା କଥା। କିନ୍ତୁ ବସ୍‌ରେ ଲାପ୍‌ଟପ ନ ପାଇବାରୁ ପାଣିକୋଇଲି ଆସି ପୋଲିସ ସହାୟତାରେ ବସ୍ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଜଣେ ଯାତ୍ରୀଙ୍କ ବ୍ୟାଗରୁ ଉକ୍ତ ଲାପ୍‌ଟପ୍‌ଟି ବାହାରିଥିଲା। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ପଶ୍ଚିମବଙ୍ଗ ପଶ୍ଚିମମେଦିନାପୁର ବହୁମାଳ ଗ୍ରାମର ବିଶ୍ୱଜିତ ବେହେରାଙ୍କୁ ଲାପ୍‌ଟପ୍ ଚୋରି ମାମଲାରେ ଗିରଫ କରାଯାଇଥିଲା।

### ମାରପିଟ ମାମଲାରେ ଅଭିଯୁକ୍ତ କୋର୍ଟ ଚାଲାଣ

**ଯାଜପୁର ଅଫିସ,୫।୩:** ମାରପିଟ ମାମଲାରେ ପାଣିକୋଇଲି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମର ଅନନ୍ତ ଗୋପାଳ ନାୟକଙ୍କୁ ତାଙ୍କ ଗ୍ରାମର ସନ୍ତୋଷ ଜେନା ମାଡମାରି ହାତ ଭାଙ୍ଗି ଦେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ମନ୍ଦିର ହୁଣ୍ଡି ଚୋରି ଅଭିଯୁକ୍ତ କୋର୍ଟ ଚାଲାଣ

**ଯାଜପୁର ଅଫିସ,୫।୩:** ପାଣିକୋଇଲି ଥାନା ଅର୍ନ୍ତଗତ ଶଙ୍ଖଚିଲା ଜଗନ୍ନାଥ ମନ୍ଦିର ହୁଣ୍ଡି ଭଙ୍ଗାଯାଇ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଯାଜପୁରରୋଡ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମର ଚଗଲା ସାହୁ(୨୮) ଏହି ମାମଲାରେ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ତାଙ୍କ ନିକଟରୁ ହୁଣ୍ଡି ଚୋରି ସାମଗ୍ରୀ ଜବତ କରିବା ସହ ପୋଲିସ ଚଗଲାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଗଡ଼ମଧୁପୁର ମା’ ମଙ୍ଗଳା ଯଜ୍ଞ ଉଦ୍‌ଯାପିତ

**ଚଢ଼େଇଧରା, ୫।୩ (ଡି.ଏନ୍.ଏ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ସ୍ଥିତ ମା’ ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବ ବୁଧବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ଶନିବାର ଭାବଦେଇ ପୋଖରୀରୁ କଳସ ବୁଡ଼ାଯାଇ ଗ୍ରାମ ପରିଭ୍ରମଣ କରାଯାଇଥିଲା। ସୂର୍ଯ୍ୟପୂଜା, ଗୋ-ପୂଜା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ଏହି ଅବସରରେ ମା’ମଙ୍ଗଳାଙ୍କ ମନ୍ଦିରକୁ ରଙ୍ଗିନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ପ୍ରତିଦିନ ଭଜନ କୀର୍ତ୍ତନ ଓ ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞ ଦେଖିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ପ୍ରବଳ ଜନ ସମାବେଶ ହୋଇଥିଲା। ଏହି ଯଜ୍ଞରେ ମୁଖ୍ୟ ପୂଜକ ଦାମୋଦର ରଥ, ହରିହର ମିଶ୍ର ଓ ନିର୍ମଳ ରଥଙ୍କ ଯଜ୍ଞକୁ ପରିଚାଳିତ କରିଥିଲେ। ପାଞ୍ଚ ଦିନ ଯାକ ଆନନ୍ଦ ବଜାରର ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ମା’ ମଙ୍ଗଳା ଯଜ୍ଞ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଥିଲା।

## କଳିଙ୍ଗନଗର ଶିଳ୍ପାଞ୍ଚଳ

# ବାୟୁ ଅପେକ୍ଷା ଜଳ ପ୍ରଦୂଷଣ ଉତ୍କଟ

- ଏନ୍‌ଜିଟିରେ ମାମଲା, ବେଫିକର କାରଖାନା କର୍ତ୍ତୃପକ୍ଷ
- ବିପଦରେ ପଡ଼ିଛି ସ୍ୱାସ୍ଥ୍ୟ, କୃଷି କ୍ଷେତ୍ର
- ବଡ଼ବିଲ୍‌କୁ ଫେରୁନି ଲୌହସୌରୀ ପାଣି

**ଯାଜପୁର ଅଫିସ,୫।୩**



ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ଯୋଗୁ ଜଳ ସଞ୍ଚୟ ଓ ବିଶୋଧନ ପ୍ରକ୍ରିୟା ପରାହତ ହେଉଛି। ଏଠାରେ ବାୟୁ ଅପେକ୍ଷା ଜଳ ପ୍ରଦୂଷଣ ଉତ୍କଟ ହୋଇଛି। ବିଶେଷକରି ଭିସା ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଓ ବ୍ରାହ୍ମଣୀ ରିଭର୍ସ ପେଲେଟ ଲିଃ (ବିଆର୍‌ପିଏଲ)ଉପଯୁକ୍ତ ଭାବେ ବିଶୋଧନ ନ କରି ବର୍ଜ୍ୟପାଣି ବାହାରକୁ ଛାଡୁଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟ ଓ କୃଷିକ୍ଷେତ୍ର ବିପଦରେ ପଡ଼ିଛି। ଏନେଇ ସ୍ଥାନୀୟ କେତେକ ସଚେତନ ବ୍ୟକ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ ହେଁ ଏସ୍‌ପିସିବି (ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ପକ୍ଷରୁ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରି ମାମଲାକୁ ରଫାଦଫା କରି ଚାଲିଛନ୍ତି। ଫଳରେ ପ୍ରଦୂଷିତ ଜଳ ଯୋଗୁ ଫସଲ ନଷ୍ଟ ସହିତ ଲୋକଙ୍କ ସ୍ୱାସ୍ଥ୍ୟହାନୀ ଘଟି ଏକ ମାରାତ୍ମକ ରୂପ ନେବାରେ ଲାଗିଛି। ଜଳ ସଞ୍ଚୟ ଓ ବିଶୋଧନ ପାଇଁ ସଜାଗ ନ ରହିଲେ ନିକଟ ଭବିଷ୍ୟତରେ ପାଣି ପାଇଁ ଯୁଦ୍ଧ ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି କୃଷି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି।

କଳିଙ୍ଗନଗରରେ ପ୍ରତିଷ୍ଠିତ କାରଖାନାଗୁଡ଼ିକର ପରିସରରେ କୋଇଲାଗୁଣ୍ଡ ଓ ବିଭିନ୍ନ ତୈଳ ପଦାର୍ଥ ମିଶ୍ରିତ ପାଣି ନିର୍ଗତ ହୋଇଥିବାରୁ ତାହା ବିଷ ସଦୃଶ ହୋଇଛି। ଏହା ସାଧାରଣ ଉପଯୋଗୀ ନୁହେଁ ବୋଲି ପରୀକ୍ଷା ରିପୋର୍ଟରେ କୁହାଯାଉଛି। ବିଶେଷକରି ଭିସା କୋକ୍ କାରଖାନାର ଉଦ୍‌ବୃତ୍ତ ଆବର୍ଜନା ପାଣି ଭିସା ଛକ ନିକଟରେ ଥିବା ବ୍ରିଜ ରାସ୍ତା ଦେଇ ବର୍ଜ୍ୟଜଳ ଯଖପୁରା ମୌଜା ଦେଇ ଅଁଳାପାଳ, ବାଲୁଙ୍ଗାବନ୍ଧି, ରୁଙ୍ଗୁରୁଙ୍ଗା, ମଙ୍ଗଳପୁର, ଖରଡି ଦେଇ ନୂଆଁଗାଠାରେ ଗଣ୍ଡନାଳାରେ ମିଶୁଛି। ମୋଟାମୋଟି ଭାବେ କାରଖାନାରୁ ନିଷ୍କାସିତ ଆବର୍ଜନା ପାଣିରୁ ବିଷାକ୍ତ ପ୍ରାଙ୍ଗାରମ୍ଭ ବା ଫେନଲ ଏବଂ ସାୟାନାଇଡ ରହିଥିବା ପୂର୍ବରୁ ହୋଇଥିବା ପରୀକ୍ଷା ରିପୋର୍ଟରେ ଜଣାପଡ଼ିଥିଲା। ଏଣୁ ତୁରନ୍ତ ଏହାର ପ୍ରତିକାର ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ବୋର୍ଡ ନିର୍ଦ୍ଦେଶ ଦେଇଥିଲା। ୧୦ଦିନ ମଧ୍ୟରେ ଆକ୍ସନ ପ୍ଲାନ ଦାଖଲ ନ କଲେ ବିନା ନୋଟିସରେ କମ୍ପାନୀକୁ ସିଲ୍ କରି ଦିଆଯିବ ବୋଲି ବୋର୍ଡର ସଦସ୍ୟ ସଚିବ ତାଙ୍କ ପତ୍ର ସଂଖ୍ୟା ୨୦୪୮ /୭।୭।୨୦୧୫ ଜରିଆରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏସ୍‌ପିସିବିର ଏହିସବୁ ପଦକ୍ଷେପ ଧୂଆଁବାଣ ସଦୃଶ ଥିଲା ବୋଲି ଅଭିଯୋଗ ହୋଇଛି। ଭିସା କର୍ତ୍ତୃପକ୍ଷ ଅତି ଚତୁରତାର ସହ ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ହାତ ମିଳାଇ ଏହି ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବାକୁ ସକ୍ଷମ ହୋଇଛନ୍ତି। ଯଦ୍ୱାରା ଭିସା କାରଖାନା ପରିସରର ବିଷାକ୍ତ ପାଣି ସେହି ରାସ୍ତାଦେଇ ଏବେବି ଅହରହ ବୋହୁଛି। ସେହିପରି ବିଆର୍‌ପିଏଲ୍ ୧୫।୩।୨୦୦୭ରେ ଏକ ଲୌହଧାତୁର ପେଲେଟାଇଜେଶନ କାରଖାନା ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାରଙ୍କ ସହ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲା। ବାହାରକୁ ବୁନ୍ଦାଏ ବି ପାଣି ନ ଛାଡ଼ିବାକୁ ଚୁକ୍ତିରେ ସ୍ୱାକ୍ଷରିତ ହୋଇଥିଲା। ଏହି ସର୍ତ୍ତରେ ଏସ୍‌ପିସିବି ବିଆର୍‌ପିଏଲ୍‌କୁ ପରିଚାଳନା ଅନୁମତି ମଧ୍ୟ ଦେଇଥିଲା। କିନ୍ତୁ ବଡ଼ବିଲ୍‌ଠାରୁ କଳିଙ୍ଗନଗର ବିଆର୍‌ପିଏଲ୍ ପ୍ଲାଣ୍ଟକୁ ୨୨୦କିଲୋମିଟର ଦୀର୍ଘ ଲୌହ ସ୍ଲରୀ ସ୍ଥାନାନ୍ତରଣ ପାଇପ ଲାଇନରେ ଆସୁଥିବା ବର୍ଯ୍ୟଜଳ ଏବେ ବାହାରକୁ ଛଡ଼ା ଯାଉଛି। ପୂର୍ବରୁ ଏହି ପାଣିକୁ ମେସ୍କୋ କାରଖାନାକୁ ଯୋଗାଣ ହେଉଥିଲା। କିନ୍ତୁ ମେସ୍କୋ କାରଖାନା ବନ୍ଦ ହୋଇଯିବା ପରେ ୬ଟି ଅଣ୍ଡରଗ୍ରାଉଣ୍ଡ ପାଇପ୍‌ଲାଇନରେ ଏହି ବର୍ଯ୍ୟଜଳ କାରଖାନା ବାହାରକୁ ଛଡା ଯାଉଛି। ଫଳରେ ଘଣ୍ଟା ପ୍ରତି ପ୍ରାୟ ୫୦୦ ଘନମିଟର ବର୍ଯ୍ୟପାଣି ବାହାରକୁ ଛଡ଼ାଯାଉଥିବାରୁ ଗଣ୍ଡନାଳା ସମେତ ଆଖପାଖ ଅଞ୍ଚଳ ଜଳ ପ୍ରଦୂଷଣରେ ଉତ୍କଟ ହେଉଛି। ଏହାର ପ୍ରତିବାଦରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ପକ୍ଷରୁ ୨୦୧୭ରେ ଏନ୍‌ଜିଟିରେ ଏକ ମାମଲା ରୁଜୁ ହୋଇଛି। ଏହାକୁ ବିଆର୍‌ପିଏଲ୍ କାରଖାନା କର୍ତ୍ତୃପକ୍ଷ ଓ ଏସ୍‌ପିସିବି ଅଧିକାରୀ ଯେନେତେନ ପ୍ରକାରେ ରିପୋର୍ଟ ପ୍ରଦାନ କରି ମାମଲାକୁ ଗଡ଼ାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ମାନପୁର ବ୍ରିଜ୍‌ଠାରୁ ଭିସା ଛକ ରାସ୍ତାରେ ଥିବା ଜିନ୍ଦଲ କାରଖାନାର ୫ରୁ ଊର୍ଦ୍ଧ୍ୱ ପୋଲ ଦେଇ ବର୍ଯ୍ୟ ପାଣି ବାହାରକୁ ଛଡ଼ା ଯାଉଛି। ଏ ସମ୍ପର୍କରେ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ କାରଖାନାରୁ ବାହାରୁଥିବା ପାଣି ବିପଦମୁକ୍ତ। ଆବଶ୍ୟକ ବିଶୋଧନ କରାଯାଇ ବାହାରକୁ ଛଡ଼ାଯାଉଛି। ତେବେ ଆଗାମୀ ଦିନରେ ବର୍ଯ୍ୟଜଳର ପରୀକ୍ଷାନୀରିକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି।

# ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନ ହେଉଛି ପୂରଣ

**ରସୁଲପୁର,୫।୩(ଡି.ଏନ୍.ଏ.)**





ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳନ ହୋଇଛି। ଏହି କ୍ରମରେ ଭୋଟକା ଓ ଗନ୍ଧଣ ପଞ୍ଚାୟତ ଆଗରେ ରହିଛି। ଏହି ପଞ୍ଚାୟତରେ ପଞ୍ଚାୟତରାଜ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଭୋଟକା ପଞ୍ଚାୟତରେ ସରପଞ୍ଚ ଅକ୍ଷୟ କୁମାର ମଲିକ, ନିର୍ବାହୀ ଅଧିକାରୀ ଦେବେନ୍ଦ୍ରନାଥ ଜେନା, ବିପିନ ବିହାରୀ ବେହେରା, ରଞ୍ଜିତ କୁମାର ସାହୁ, କେଦାର ଦେଓ, ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ଦିବସ ଓ ଏ ଦିଗରେ ବିଜୁବାବୁଙ୍କ ରହିଥିବା ଅବଦାନକୁ ସମସ୍ତେ ଅନୁଭବ କରିବା ସହ ୱାର୍ଡସ୍ତରରୁ ପଞ୍ଚାୟତ ଗଢିବାର ପ୍ରୟାସ ଆରମ୍ଭ ହେଲେ ବାସ୍ତବ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି ମତ ରଖିଥିଲେ। ସେହିପରି ଗନ୍ଧଣ ପଞ୍ଚାୟତରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୪ତମ ଜୟନ୍ତୀ ପାଳନ ଅବସରରେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା କ୍ଷମତାକୁ ବିକେନ୍ଦ୍ରୀକରଣ କରିବା ଦିଗରେ ଏକ ବଳିଷ୍ଠ ଅବଦାନ ବୋଲି ମତ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମ ଅବସରରେ ହିତାଧିକାରୀଙ୍କୁ ସରକାରୀ ଆବାସ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ସହ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।

**ଯାଜପୁର ଟାଉନ(ଡିଏନଏ):** ଯାଜପୁର ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ପଞ୍ଚାୟତିରାଜ, ପାନୀୟଜଳ ବିଭାଗ, ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଅନୁଷ୍ଠିତ

### ପଞ୍ଚାୟତିରାଜ ଦିବସ ପାଳିତ

ସମାରୋହକୁ ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ ଉଦ୍‌ଘାଟନ କରିବା ସହିତ ଉତ୍ସବରେ ଅଧକ୍ଷତା କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟବକ୍ତାଭାବେ ଯୋଗ ଦେଇଥିବାବେଳେ ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ଅତିରିକ୍ତ ଏସ୍‌ପି ଭବାନୀକାନ୍ତ ପଟ୍ଟନାୟକ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତି, ନିର୍ବାହୀଯନ୍ତ୍ରୀ ଅଭୟ କୁମାର ପରିଜା ପ୍ରମୁଖ ପଞ୍ଚାୟତିରାଜ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବିଶଦ ଆଲୋଚନା କରିବା ସହିତ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା ଓ ବିକାଶମୁଖି ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଲୋକଙ୍କ ହିତରେ ସରକାର ଓ ୫-ଟି ଉପରେ ଗୁରୁତ୍ୱାରୋପ କରି ରାଜ୍ୟକୁ ଏକ ସମୃଦ୍ଧ ରାଷ୍ଟ୍ରଭାବେ ଗଢ଼ିତୋଳିବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଜିଲାର ୧୦ଟି ବ୍ଲକର ୧୭୨ଟି ପଞ୍ଚାୟତରେ ମହାସଂଘ ଗଠନ କରାଯାଇ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ୨୦ହଜାର ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରାଯାଇ ୧୩୫ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସ୍ୱୟଂସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଯୋଗ ଦେଇଥିଲେ।

**ଚଣ୍ଡିଖୋଲ(ଡିଏନଏ):** ବିଜୁ ଜନତା ଦଳ ବଡ଼ଚଣା ପଞ୍ଚାୟତ ତରଫରୁ ବଡ଼ଚଣା ବଜାରରେ ଗୁରୁବାର ଦଳୀୟ ସଭାପତି ବିଜୟ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅତିଥିଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ ସମିତି କଟକର ନିର୍ଦ୍ଦେଶକ ଆଦିକନ୍ଦ ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସୁମତୀ ବାସ୍କେ, ବୈକୁଣ୍ଠ ବରାଳ, ଜଗନ୍ନାଥ ପ୍ରଧାନ, ଡାକ୍ତର ପବନେଶ୍ୱର ଜେନା, ସନ୍ତୋଷ ପ୍ରଧାନ, ଅମୀୟ ସାହୁ, ସ୍ମୃତିରଞ୍ଜନ ପ୍ରଧାନ, ବିକ୍ରମ ସିଂହ, ଚକ୍ରପାଣି ବିଶ୍ୱାଳ, ରୁଦ୍ରନାରାୟଣ ପ୍ରଧାନ, ରଣଜିତ ଜେନା, ବିଚିତ୍ର ଦଳେଇ, ମହେଶ ପୃଷ୍ଟି ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ବିଜୁ ବାବୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

**ବରୀ (ସ୍ୱ.ପ୍ର):** ବରୀ ପଞ୍ଚାୟତ ସମିତି ଅଧୀନରେ ଥିବା ଅଧିକାଂଶ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ଗୁରୁବାର ପଞ୍ଚାୟତିରାଜ ଦିବସ ସରକାରୀଭାବେ ପାଳନ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସମିତି କାର୍ଯ୍ୟାଳୟ ପରିସରରେ ଭାରପ୍ରାପ୍ତ ବିଡିଓ ଶାଶ୍ୱତ କୁମାର ଜେନାଙ୍କ ସଭାପତିତ୍ୱରେ ଏନେଇ ଏକ ସଭା କରାଯାଇ ପଞ୍ଚାୟତିରାଜ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ସେହିପରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ କେତେକ ପଞ୍ଚାୟତ ପଞ୍ଚାୟତିରାଜ ଦିବସ ପାଳନ କରିବାକୁ ଭୁଲି ଯାଇଥିବା ଚର୍ଚ୍ଚା ଜୋର ଧରିଛି।

# ପୌରପରିଷଦ କର୍ମଚାରୀଙ୍କୁ ଆକ୍ରମଣ

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ବ୍ୟାସସରୋବର

**ଯାଜପୁରରୋଡ,୫।୩(ଡି.ଏନ.ଏ.)**

ପ୍ରସିଦ୍ଧପର୍ଯ୍ୟନସ୍ଥଳୀବ୍ୟାସସରୋବରଏବେ ଆସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହାବାଦ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ପର୍ଯ୍ୟଟନସ୍ଥଳୀ ବିକାଶ ପାଇଁ ଜିଲା ପ୍ରଶାସନ ଆଖି ବୁଜି ଦେଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧୁଛି। ଏହିକ୍ରମରେ ଗୁରୁବାର ଦୁଇ ଜଣ ପର୍ଯ୍ୟଟକଙ୍କୁ ବ୍ରାହ୍ମଣୀଗାଁର ବିଚିତ୍ର ପ୍ରଧାନ ଓ ମୁଣ୍ଡୋମାଳର ଅଜୟ ମଲ୍ଲିକ ଅସଦାଚରଣ କରିଥିଲେ। ସେଠାରେ ପୌରପରିଷଦର କାର୍ଯ୍ୟରତ କର୍ମଚାରୀ ଚନ୍ଦ୍ରଶେଖର ମଲ୍ଲିକ ସେମାନଙ୍କୁ ବିରୋଧ କରିଥିଲେ। ଫଳରେ ସେମାନେ ଚନ୍ଦ୍ରଶେଖରଙ୍କୁ ଭୁଜାଲି ଓ ଲୁହାରଡରେ ଆକ୍ରମଣ କରିଥିବା ଯାଜପୁରରୋଡ

### ଦୁଇ ଜଣଙ୍କ ନାମରେ ଥାନାରେ ଏତଲା

ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଯାଜପୁରରୋଡ ଥାନାଧିକାରୀ ଅନୀଲ କୁମାର ମହାନ୍ତି କହିଛନ୍ତି ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ମଧ ବ୍ୟାସସରୋବରକୁ ବୁଲିବାକୁ ଯାଉଥିବା ପର୍ଯ୍ୟଟକଙ୍କୁ କେତେକ ଅସାମାଜିକ ବ୍ୟକ୍ତି ଅସଦାଚରଣ କରି ଟଙ୍କା, ମୋବାଇଲ ଆଦି ଲୁଟ କରିଥିବାର ଉଦାହରଣ ମଧ ରହିଛି। ତେଣୁ ବ୍ୟାସସରୋବରରେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ ପୋଲିସ ମୁତୟନ କରିବାକୁ ଦାବି ଉଠିଛି।

# ଟ୍ରଲର-ବାଇକ୍ ଧକ୍କା, ଜଣେ ଗୁରୁତର

**ଯାଜପୁରରୋଡ,୫।୩(ଡି.ଏନ.ଏ.)**

ଯାଜପୁରରୋଡ ଥାନା ଅନ୍ତର୍ଗତ ବ୍ୟାସନଗର ସହରର ନହକା ବାଇପାସ ନିକଟରେ ବୁଧବାର ବିଳମ୍ବିତ ରାତିରେ ଟ୍ରଲର ଓ ବାଇକ ଧକ୍କାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ କୋରେଇ ବ୍ଲକ ତୁଳତି ପଞ୍ଚାୟତ ଅନ୍ତର୍ଗତ କୋଗାଁର ହୃଷୀକେଶ ଲେଙ୍କାଙ୍କୁ ଯାଜପୁରରୋଡ ସିଏଚ୍‌ସିରେ ପ୍ରାଥମିକ ଚିକିତ୍ସା କରିବା ପରେ କଟକକୁ ସ୍ଥାନାନ୍ତର କରାଯାଇଛି। ରାସ୍ତା ନିର୍ମାଣ ଚାଲିଥିବାବେଳେ କୌଣସି ସୂଚନାଫଳକ ନ ଦେଇ ଖୋଳି ଦିଆଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଧର୍ମପରାୟଣା ମହିଳାଙ୍କ ପରଲୋକ

**ଯାଜପୁରରୋଡ,୫।୩(ଡି.ଏନ.ଏ.)**

ବ୍ୟାସନଗରମୁଣ୍ଡୋମାଳରଧର୍ମପରାୟଣ ମହିଳା ସାବିତ୍ରୀ ଧଳଙ୍କ ଗୁରୁବାର ପୂର୍ବାହ୍ନ ୧୦ଟାରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ଅନ୍ତିମ ଶଯ୍ୟାରେ ତାଙ୍କର ପୁଅ ମନୀନ୍ଦ୍ର ଧଳ, ମାନସଚନ୍ଦ୍ର ଧଳ ଓ ମହେଶ ଧଳ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସାନପୁଅ ମୁଖାଗ୍ନି ଦେଇଥିଲେ।

# ଅଗ୍ନି ବିପନ୍ନଙ୍କୁ ସହାୟତା



ଅଗ୍ନି ବିପନ୍ନ ପରିବାରଙ୍କୁ ‘ଆମେ ବିପଦରେ ସାଥି’ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

**ଯାଜପୁର ଅଫିସ,୫।୩**

କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତର ରଣସରପୁର ଗ୍ରାମର ଜଣେ ଅଗ୍ନି ବିପନ୍ନଙ୍କୁ ‘ଆମେ ବିପଦରେ ସାଥି’ ତରଫରୁ ସହାୟତା ଦିଆଯାଇଛି। ଗୁରୁବାର ସଙ୍ଗଠନର ସଦସ୍ୟ ଗୋଲକ ବିହାରୀ ପରିଡ଼ା, ଅଞ୍ଜନ ଦାଶ, ସୁଶାନ୍ତ ସେନାପତି, ସୁଧାଶଙ୍କର ବିଶ୍ୱାଳ, ଆଦର୍ଶ ଦାସ, ରଞ୍ଜନ ଜେନା, ଧନୁଷ ଦଳେଇ, ଦିପ୍ତୀରଞ୍ଜନ ବେହେରା, ଶିବ ପ୍ରସାଦ ବେହେରା, ଯଶୋବନ୍ତ ବେହେରା, ରବୀନ୍ଦ୍ର ବେହେରା, କପିଳେନ୍ଦ୍ର ସାହୁ, ପ୍ରକାଶ ମଲ୍ଲିକ, ଶୁଭ୍ରାଂଶୁ ନାୟକ, ସତ୍ୟବ୍ରତ ପଣ୍ଡା, ଅନୁପ ବେହେରା, ଦିଲ୍ଲୀପ ସ୍ୱାଇଁ, ବିକାଶ ଦାସ, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ସତ୍ୟଭାମାଙ୍କ ପରିବାରକୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ଗତ ୧ ତାରିଖ ରାତିରେ ସମସ୍ତେ ଶୋଇଥିବା ବେଳେ ଜଣେ ବିଫଳ ପ୍ରେମିକ ଯୁବତୀଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଘରପୋଡ଼ିରେ ସର୍ବସ୍ୱାନ୍ତ ହେବା ପରେ ବିପନ୍ନ ପରିବାର ଏକ ପଲିଥିନ ଟାଙ୍ଗି ରହୁଛନ୍ତି।

## ବୈତରଣୀ ନଦୀବନ୍ଧ ନିର୍ମାଣରେ ବ୍ୟାପକ ଅନିୟମିତତା

# ମାଟି ପକାଇ ଅନୁଦାନ ଚଳୁ ଉଦ୍ୟମ

### ୧୯ କିମି ଦୈର୍ଘ୍ୟ ନଦୀବନ୍ଧର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

**ଯାଜପୁର ଅଫିସ,୫।୩**

ଯାଜପୁର ଜିଲା ଦଶରଥପୁର ବ୍ଲକବାସୀଙ୍କ ପାଇଁ ବୈତରଣୀ ଜୀବନରେଖା ସଦୃଶ। ଏହି ନଦୀଜଳରୁ ଅଧିକାଂଶ ଚାଷୀ ସେମାନଙ୍କ ଚାଷ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ହେଲେ ଏହି ବ୍ଲକର ଗ୍ରାମାଞ୍ଚଳର ନଦୀ ଅବବାହିକା ପରିଚାଳନାର ଶୋଚନୀୟ ଅବସ୍ଥାକୁ ଦେଖିଲେ ଯେକେହି ବି ବିକାଶ କେତେ ହୋଇଛି ସହଜେ ଅନୁମାନ କରି ପାରିବ। ବୈତରଣୀ ନଦୀ ପାର୍ଶ୍ୱରେ ନିର୍ମିତ ଦୁର୍ବଳ ନଦୀବନ୍ଧ ଆଖପାଖ ଗ୍ରାମବାସୀଙ୍କୁ ବର୍ଷା ମାସରେ ଆତଙ୍କିତ କରି ରଖିଥାଏ। ଏହାକୁ ଦୃଷ୍ଟିରେ ଜଳସେଚନ ବିଭାଗ ପକ୍ଷରୁ ବୈତରଣୀ ନଦୀର ବ୍ରହ୍ମଚାରୀ ପାଟଣାଠାରୁ କୟାଁଗୋଲା ପର୍ଯ୍ୟନ୍ତ ୧୯ କି.ମି. ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ନିମନ୍ତେ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରାୟ ୧୯ କୋଟି ଟଙ୍କା ବ୍ୟବବରାଦ ହୋଇଥିଲା। ଉକ୍ତ କାର୍ଯ୍ୟର କାର୍ଯ୍ୟାଦେଶ ଓସିସି(ଓଡ଼ିଶା କନ୍‌ଷ୍ଟ୍ରକ୍ସନ କମ୍ପାନୀ)କୁ ଦିଆଯାଇଛି। କିନ୍ତୁ ଓସିସି ଏହାକୁ କେତେକ ପେଟି ଠିକାଦାରଙ୍କୁ କାମ କରିବା ପାଇଁ ଦାୟିତ୍ୱ ଦେଇଛି। ଯାହାଫଳରେ ଉପଯୁକ୍ତ ତଦାରଖ ଅଭାବରୁ କାମରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି। ନିମ୍ନମାନର ମାଟି ପକାଇ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥକୁ ଚଳୁ କରିବାକୁ ଉଦ୍ୟମ ଚାଲିଛି। ଏଥିଯୋଗୁ ନଦୀବନ୍ଧର ସ୍ଥାୟିତ୍ୱ ଓ ସୁଦୃଢ଼ିକରଣ ପ୍ରତି ଆଶଙ୍କା ପ୍ରକାଶପାଇଛି। ଗତ ୨ ବର୍ଷ ଧରି ଏହି ନଦୀବନ୍ଧ ନିର୍ମାଣ କାର୍ଯ୍ୟ ଚାଲୁରହିଥିବାବେଳେ କେବଳ ଖରାଦିନେ କେତେକ ସ୍ଥାନରେ ଟ୍ରାକ୍ଟର ସହାୟତାରେ ମାଟି ପକାଯାଇ ମୋଟା ବିଲ୍ କରାଯାଉଥିବା ଅଭିଯୋଗ ହେଉଛି। ନଦୀବନ୍ଧର ଉପରିଭାଗର ପ୍ରସ୍ଥ ସର୍ବନିମ୍ନ ୬ମିଟର ରହିବାର ନିୟମ ରହିଥିବାବେଳେ କେଉଁଠି ୪ମିଟର ତ କେଉଁଠି ୫ମିଟର



ମଧ୍ୟରେ ରହିଥିବା ଦେଖାଯାଇଛି। ସେହିପରି ବନ୍ଧରେ ପକାଯାଉଥିବା ମାଟି ଅତ୍ୟନ୍ତ ନିମ୍ନମାନର ହୋଇଥିବା ଯୋଗୁ ଅସରାଏ ବର୍ଷାରେ ଉକ୍ତ ମାଟି ଧୋଇ ଯାଉଥିବା ଦେଖିବାକୁ ମିଳୁଛି। ସେହିପରି ନଦୀ ଜଳକୁ ଚାଷ କ୍ଷେତ୍ରରେ ବ୍ୟବହାର ନିମନ୍ତେ ଆବଶ୍ୟକୀୟ କେନାଲ, ସୁଇଚ୍ ଗେଟର ବ୍ୟବସ୍ଥା ନ ରହିବା ଯୋଗୁ ଚାଷୀମାନେ ଚାଷ କାର୍ଯ୍ୟରେ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଅପରପକ୍ଷରେ ନଦୀ ବନ୍ଧ ନିକଟସ୍ଥ ଗୋଚର ଜମିଗୁଡ଼ିକରୁ ବେପରୁଆ ଓ ବେଆଇନ ଭାବରେ ମାଟି ତଡ଼ାଯାଇ ବନ୍ଧ ନିର୍ମାଣ କରାଯାଉଥିବାରୁ ନିକଟସ୍ଥ ଗ୍ରାମଗୁଡ଼ିକରେ ଗୃହପାଳିତ ପଶୁମାନଙ୍କ ପାଇଁ ଚାରଣଭୂଇଁର ସମସ୍ୟା ଦେଖାଦେଲାଣି। ଏହି ସବୁ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ଗ୍ରାମବାସୀ ବାରମ୍ବାର ତହସିଲଦାର, ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ହେଉନାହିଁ। ଯଦ୍ୱାରା ପ୍ରତିବର୍ଷ ଘାଇ ସୃଷ୍ଟି ହୋଇ ବନ୍ୟା ଜଳ ଜନଜୀବନକୁ ବିପନ୍ନ କରୁଛି। ଆଉ ଏସବୁ ବେଆଇନ କାର୍ଯ୍ୟକୁ ଅକୁଣ୍ଠରେ ଜନପ୍ରତିନିଧିମାନେ ନିଜର ସମର୍ଥକଙ୍କୁ ଠିକାଦାର ଭାବରେ ନିଯୁକ୍ତ କରାଉଛନ୍ତି। ନା ଶାସକ ନା ବିରୋଧି ସଭିଏଁ ଏସବୁ ମାମଲାରେ ନୀରବ ଦ୍ରଷ୍ଟା ସାଜିଛନ୍ତି। ଏ ସଂକ୍ରାନ୍ତରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲଙ୍କୁ ପଚାରିବାରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାପ୍ତ ନ ହେବାରୁ ଏହାର ସମୟ ବୃଦ୍ଧି କରାଯାଇଛି। ତେବେ ପ୍ରାୟ କାର୍ଯ୍ୟ ସମାପ୍ତ ହେବାକୁ ବସିଛି। ଫାଇନାଲ ବିଲ୍ କରିବା ପୂର୍ବରୁ ଯେଉଁ କାମ ବାକି ରହିଛି ସେହି କାର୍ଯ୍ୟକୁ ସମ୍ପନ୍ନ କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ହୋଇଛି। କାର୍ଯ୍ୟରେ କୌଣସି ଅନିୟମିତତା ହେଉନାହିଁ ବୋଲି ସାମଲ କହିଛନ୍ତି।

## ସଂକ୍ଷେପରେ

### ଘର ଭଙ୍ଗା, ଲୁଟ୍ ମାମଲା: ଚାପରେ ମାମଲା ରୁଜୁ କଲା ପୋଲିସ

**ରଣପୁର,୫।୩(ସ୍ୱ.ପ୍ର.):** ରଣପୁର ଥାନା ଗୌରାଙ୍ଗପୁର ଗ୍ରାମରେ ଘର ଭଙ୍ଗା ଓ ଲୁଟ୍ ଘଟଣାରେ ପୋଲିସ ଚାପରେ ପଡି ଶେଷରେ ମାମଲା ରୁଜୁ କରିଥିବା ଏଠାରେ ଆଲୋଚନା ହେଉଛି। ଆଇପିସି ଦଫା ୧୪୭, ୧୪୮, ୨୯୪, ୩୨୩, ୩୭୯, ୫୦୬, ୪୨୭, ୧୪୯ରେ ପୋଲିସ ଗ୍ରାମର ଯୁଧିଷ୍ଠିର ସାହୁ, ବସନ୍ତ ପରିଡା, ଅଶୋକ ଦୋରା, ଧନେଶ୍ୱର ପରିଡା, ଟୁକୁନା ପ୍ରଧାନ, ପ୍ରମୋଦ ପ୍ରଧାନଙ୍କ ସମେତ ଅନ୍ୟମାନଙ୍କ ନାଁରେ ମାମଲା (ନଂ.୬୧/୨୦) ରୁଜୁ କରିଛି। ଅଭିଯୋଗ ଅନୁସାରେ ଗୌରାଙ୍ଗପୁରରେ କଙ୍ଗାରୁ କୋର୍ଟ ବସି ରବୀନ୍ଦ୍ର ବେହେରାଙ୍କ ଘରକୁ ଗତ ମଙ୍ଗଳବାର ଭୋରରେ ଭାଙ୍ଗି ଦିଆଯାଇଥିଲା। ଏହାସହ ଘରର ଉପକରଣ ଓ ବାକ୍ସରେ ଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୩୫ ହଜାର ଟଙ୍କାକୁ ମଧ ଲୁଟିନିଆଯାଇଥିଲା। ଏ ନେଇ ରବୀନ୍ଦ୍ରଙ୍କ ସ୍ତ୍ରୀ ଉର୍ମିଳା ରଣପୁର ଥାନାରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅଭିଯୋଗ କରିଥିଲେ। ୩ ଘଣ୍ଟାର ଅପେକ୍ଷା ପରେ ପୋଲିସ ଅଭିଯୋଗ ଗ୍ରହଣ କରିଥିଲା। ହେଲେ ଭଙ୍ଗା ଘରର ତଦନ୍ତ କରି ନ ଥିଲା। ଏପରି କି ୩୬ ଘଣ୍ଟା ପରେ ମଧ ମାମଲା ମଧ ରୁଜୁ କରି ନ ଥିଲା। ଶେଷରେ ସ୍ତ୍ରୀଙ୍କ ସହ ରବୀନ୍ଦ୍ର ଏସ୍‌ପିଙ୍କୁ ଭେଟି ନ୍ୟାୟ ଦେବା ପାଇଁ ଗୁହାରି କରିଥିଲେ।

### ବିପଦ ସୃଷ୍ଟି କରୁଛି ରାସ୍ତାପାର୍ଶ୍ୱ ଗର୍ତ୍ତ

**ଖଣ୍ଡପଡ଼ା,୫।୩(ସ୍ୱ.ପ୍ର.):** ଖଣ୍ଡପଡ଼ା-ନୟାଗଡ଼ ପୂର୍ତ୍ତ ବିଭାଗ ରାସ୍ତାର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ସେହିପରି ରାସ୍ତା ପାର୍ଶ୍ୱ ଦେଇ ଯାଇଥିବା ମୁଖ୍ୟ ପାଣି ପାଇପ୍ ଲାଇନରେ ଫାଟ ସୃଷ୍ଟି ହୋଇଛି। ଫଳରେ ଉକ୍ତ ସ୍ଥାନରେ ଅବିରତ ପାଣି ବୋହି ନଷ୍ଟ ହେଉଛି। ଏହି ଗର୍ତ୍ତ ସାଧାରଣ ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛି। ବିଭିନ୍ନ ସମୟରେ ଉକ୍ତ ଗାତରେ ଗୃହପାଳିତ ପଶୁଙ୍କଠାରୁ ଆରମ୍ଭ କରି ଛୋଟ ଛୋଟ ପିଲାମାନେ ପଡି ଯାଇ କ୍ଷତାକ୍ତ ହେଉଥିବା ଜଣାପଡିଛି। ସ୍ଥାନୀୟ ବାସିନ୍ଦା ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ବିପଦକୁ ସାମୟିକ ଭାବେ ଟାଳିବା ପାଇଁ ସ୍ଥାନୀୟ ଲୋକେ ଗର୍ତ୍ତ ଉପରେ ଏକ ଭଙ୍ଗା ଆଜବେଷ୍ଟସ୍ ଘୋଡାଇ ରଖିଥିବା ନଜରକୁ ଆସିଛି। ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ତଳେ ଯାଇଥିବା ପାଣି ପାଇପ୍‌ଲାଇନ ମରାମତି ସହ ରାସ୍ତା ପାର୍ଶ୍ୱ ଗର୍ତ୍ତ ତୁରନ୍ତ ବନ୍ଦ କରିବାକୁ ୧୨ନଂ. ୱାର୍ଡବାସୀ ଦାବି କରିଛନ୍ତି।



# ପ୍ଲଟିଂ କରି ବିକ୍ରି ହେଉଛି ସରକାରୀ ଜମି

- ରୁକ୍ଷି ପାହାଡ଼ ପାଦଦେଶ
- ପ୍ରଶାସନର ପଦକ୍ଷେପ ନାହିଁ

**ନୟାଗଡ ଅଫିସ,୫।୩**

ରୁକ୍ଷି ପାହାଡ ପାଦ ଦେଶରେ ସରକାରୀ ଜମି ପ୍ଲଟିଂ କରି ବିକ୍ରି ଚାଲିଛି । ଏକର ପିଛା ଏକ ଲକ୍ଷରୁ ଦେଢ଼ ଲକ୍ଷ ଟଙ୍କାରେ ବିକ୍ରି ହେଉଛି ଜମି । ନୟାଗଡ ଷ୍ଟାଡିୟମ ପଛ ପାଖରେ ଏପରି ବେଆଇନ କାମ ଚାଲିଥିଲେ ମଧ ପ୍ରଶାସନିକ ସ୍ତରରେ ପଦକ୍ଷେପ ନାହିଁ । ଏଥିପ୍ରତି ନଜର ନ ଦେଲେ ଏଠାରେ ବେଆଇନ ଘର ଗଢ଼ି ଉଠିବ ଓ ପରେ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବା କାଠିକର ପାଠ ହୋଇ ପଡିବ । ଏଣୁ ପ୍ରଶାସନିକ ସ୍ତରରେ ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

ପ୍ରକାଶ ଥାଉକି, ନବଘନପୁର ଗ୍ରାମ ନିକଟରେ ପିଡି ଡିଆରଡିଏ, ଏସପି ଅଫିସ, ଡିପିସ ଅଫିସ ପରି ବିଭିନ୍ନ କାର୍ଯ୍ୟାଳୟ ସମେତ ନୟାଗଡ ଷ୍ଟାଡିୟମ ହେବା ପରେ ଜମିର ମୂଲ୍ୟ ବଢ଼ି ଚାଲିଛି। ସ୍ଥାନୀୟ ଅଞ୍ଚଳରେ ଘର କରିବାକୁ ଅଧିକାଂଶ ଲୋକ ଆଗ୍ରହୀ । ହେଲେ ରୁକ୍ଷି ପାହାଡର ପାଦ ଦେଶର ଜମିରୁ ପଥର ଓ ଗଛ ସଫା କରାଯାଇ ବିକ୍ରି ଚାଲିଛି ।



ରୁକ୍ଷି ପାହାଡ଼ ପାଦଦେଶରେ ଜମି ଜବରଦଖଲ କରାଯାଇଛି।

### କାମରେ କରିବା ଦରକାର

ଗତ ୨ତାରିଖରେ ବଳରାମ ପାହାଡ ପାଦ ଦେଶରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବେଆଇନ ଭାବେ ହୋଇଥିବା ୧୨ ଘର ଉଚ୍ଛେଦ ହୋଇଥିଲା। ଜବରଦଖଲ ନ କରିବାକୁ ନୟାଗଡ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଗଣମାଧମକୁ ସୂଚନା ଦେଇଥିଲେ। ଏପରିକି ଜବରଦଖଲର ସୂଚନା ପାଇବା ମାତ୍ରେ ଉଚ୍ଛେଦ କରାଯିବ ଓ ନୟାଗଡ ମ୍ୟୁନିସିପାଲିଟିର ୧୩ଟ ଯାକ ୱାର୍ଡରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କହିଥିଲେ । ଏପରିସ୍ଥଳେ ରୁକ୍ଷି ପାହାଡ ପାଦଦେଶର ଜମିକୁ ଜବରଦଖଲ ଉଚ୍ଛେଦ କରା ନ ଯିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ନୟାଗଡ ସହରର କିଛି ବୁଦ୍ଧିଜୀବୀଙ୍କ ମତରେ କେବଳ କହିଦେଲେ ହେବନି । କାମରେ କରି ଦେଖାଇବାକୁ ପଡିବ ବୋଲି କହିଛନ୍ତି। ବଳରାମ ପାହାଡ ଜବରଦଖଲ ଉଚ୍ଛେଦ ହେଲା । ପ୍ରଶାସନ ରୁକ୍ଷି ପାହାଡ ଜବରଦଖଲକୁ କେବେ ଉଚ୍ଛେଦ କରିବ ତାହା ସମସ୍ତେ ଅପେକ୍ଷାରେ ଅଛନ୍ତି।

### ଜବରଦଖଲକୁ ପ୍ରୋତ୍ସାହନ

ନୟାଗଡ ସହରରେ ଜବରଦଖଲକୁ ପ୍ରୋତ୍ସାହନ ମିଳୁଛି । କାରଣ ସହରର ବହୁ ମୂଲ୍ୟବାନ ଜମି ଜବରଦଖଲ ହୋଇ ଦୋକାନ ଓ ଘର ଗଢ଼ି ଉଠିଛି। ଦୋକାନ ଘରେ ମାସକୁ ୨ରୁ ୪ ହଜାର ଟଙ୍କା ଭଡା ଆଦାୟ ହେଉଛି। ଜବରଦଖଲକାରୀ ଏଥିରୁ କିଛି ଅର୍ଥ ଦେଇ ସୁରକ୍ଷା ପାଇ ଆସୁଛନ୍ତି । ଏଣୁ ଜବରଦଖଲ ଉଚ୍ଛେଦ କରାଯାଉ ନାହିଁ । କିଛି ରାଜନେତାଙ୍କ ଆଶୀର୍ବାଦ କାରଣରୁ ସହରରୁ ଜବରଦଖଲ ହଟି ପାରୁ ନାହିଁ। ନୟାଗଡ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ଶୁକ୍ରବାର ଷ୍ଟାଡିୟମ ପଛ ପାଖ ଅନୁଧ୍ୟାନ କରାଯିବ । ଜବରଦଖଲ ସମ୍ପର୍କରେ ପ୍ରମାଣ ମିଳିବା ପରେ ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

## ଇଟାମାଟି ସମିତି ସମ୍ପାଦକ ନିଲମ୍ବିତ

**ନୟାଗଡ ଅଫିସ,୫।୩**

ଜାଲ୍ କାଗଜପତ୍ରରେ ଧାନ କିଣା ଅଭିଯୋଗରେ ନୟାଗଡ ବ୍ଲକ ଇଟାମାଟି ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ରବୀନ୍ଦ୍ର ପ୍ରଧାନଙ୍କୁ ନିଲମ୍ବିତ କରାଯାଇଛି । ଏନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ତଦନ୍ତ କରାଯାଇଥିଲା । ଅନିୟମିତତାର ପ୍ରମାଣ ମିଳିବା ପରେ ଜିଲାପାଳ ପୋମା ଟୁଡୁ ସମ୍ପାଦକଙ୍କୁ ନିଲମ୍ବିତ କରିଛନ୍ତି । ସେହିଭଳି ୩ଜଣ ଚାଷୀଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ ନୋଟିସ ଦିଆଯାଇଛି। ଇଟାମାଟିରେ ଗୋପୀନାଥ ଜୀଉ, ନାରାୟଣୀ ଠାକୁର, ଜଗନ୍ନାଥ ଜୀଉ, ବେହେରାସାହି ରାଧାକାନ୍ତ ଜୀଉଙ୍କର ଜମିକୁ ପଞ୍ଜୀକରଣ କରି ବେଆଇନ ଭାବେ ଧାନ ବିକ୍ରି କରାଯାଇଥିବାର ଅଭିଯୋଗ ହୋଇଥିଲା।

## ଶ୍ରୀନୀଳମାଧବ ପୀଠରେ ଫଗୁ ଦଶମୀ



ଠାକୁରଙ୍କୁ ବଗିଚାକୁ ବିଜେ କରାଯାଉଛି।

### ଦୟଣାଚୋରି ବଗିଚାକୁ ବିଜେ ହେଲେ ଠାକୁର

**ଖଣ୍ଡପଡ଼ା,୫।୩(ସ୍ୱ.ପ୍ର.)**

ଫାଲ୍‌ଗୁନ ଶୁକ୍ଳପକ୍ଷ ତିଥି ଗୁରୁବାରଠାରୁ ଠାକୁରଙ୍କ ଦୋଳ ପର୍ବ (ଫଗୁ ଦଶମୀ) ଆରମ୍ଭ ହୋଇଛି। ଏହି ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ମନ୍ଦିର ସିଂହଦ୍ୱାର ଅନତିଦୂରରେ ଥିବା ନୀଳମାଧବ ଜୀଉଙ୍କ ଦୟଣାଚୋରି ବଗିଚାକୁ ବିଜେ କରାଯାଇଥିଲା ।

ପରମ୍ପରା କ୍ରମେ ପ୍ରତି ବର୍ଷ ଦୋଳ ଓ ଚମ୍ପକ ଦ୍ୱାଦଶୀରେ ଠାକୁର ଦୟଣାଚୋରି ବଗିଚାକୁ ବିଜେ ହୋଇଥାନ୍ତି । ଗୁରୁବାର ବର୍ଷା ଲାଗିରହିଥିବାରୁ ରାତି ପ୍ରାୟ ସାଢେ ୮ଟାରେ ବଗିଚାକୁ ବିଜେ ହେବା ପରେ ସେଠାରେ ଠାକୁରଙ୍କ ଦୋଳ ନୀତି, ଚଣା, ଖଜା ଓ ଆମ୍ବ ପୂଜା କରାଯାଇ ଆଳତି ହୋଇଥିଲା । ପରେ ଫଗୁରେ ଚନ୍ଦନ ମିଶ୍ରଣ କରାଯାଇ ଠାକୁରଙ୍କୁ ପ୍ରଲେପ ଦିଆଯାଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଦେହରେ ମଧ ଫଗୁ ଛିଞ୍ଚା ଯାଇଥିଲା । ଫଗୁ ଖେଳ ପରେ ଶ୍ରୀ ଜୀଉଙ୍କୁ ବିମାନରେ ବିଜେ କରାଯାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ୩ଦିନ ପର୍ଯ୍ୟନ୍ତ ସନ୍ଧ୍ୟା ଧୂପ ପରେ ଠାକୁରଙ୍କୁ ବଗିଚାକୁ ବିଜେ କରାଯିବାର ପରମ୍ପରା ରହିଛି। ଠାକୁର ମନ୍ଦିରକୁ ବିଜେ ହେବାପରେ ସନ୍ଧ୍ୟାଧୂପ, ବଡସିଂହାର, ଡମ୍ବରୁ ବିଜେ, ବିଡିଆ ଲାଗି ପରେ ପହଡ ଯାଇଥିଲେ।

# ମହିଳା ପାଳିଲେ ବିଜୁ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

**ଓଡ଼ଗାଁ,୫।୩(ସ୍ୱ.ପ୍ର.)**

ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ତଥା ମହିଳାଙ୍କ ନିମନ୍ତେ ଆରମ୍ଭ କରିଥିବା ସଂରକ୍ଷଣ ବ୍ୟବସ୍ଥା ବାସ୍ତବ ରୂପ ନେଇଛି । ନୟାଗଡ ଜିଲା ଓଡ଼ଗାଁ ସାଧାରଣ ସୁବିଧାକେନ୍ଦ୍ର ପରିସରରେ ଗୁରୁବାର ଆୟୋଜିତ ବ୍ଲକସ୍ତରୀୟ ସମାରୋହରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଶତପ୍ରତିଶତ ମହିଳାଙ୍କ ସମାବେଶ ହିଁ ଏହା ପ୍ରମାଣିତ କରିଛି। ବ୍ଲକ ଅଧକ୍ଷା ମମତା ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ବ୍ଲକ ଉପାଧକ୍ଷା ବିରଜାଲକ୍ଷ୍ମୀ ସାହୁ, ବିଡିଓ ସ୍ୱାତୀଲେଖା ଦାସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ବ୍ଲକ ମିଶନ ଶକ୍ତି ପ୍ରକଳ୍ପ ପରିଚାଳିକା ସରିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସମାରୋହରେ କେବଳ ମହିଳାଙ୍କ ଉପସ୍ଥିତି ଦେଖି ଏହା ହିଁ ବିଜୁବାବୁଙ୍କ ସ୍ୱପ୍ନ ଥିଲା ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ବିଜୁବାବୁଙ୍କ ଉକ୍ତି ଅନୁସାରେ ମା'କୁ ସମ୍ମାନ, ଗାଁକୁ କାମର ଯଥାର୍ଥତା ଲୋକେ ଅନୁଭବ କରିଥିବା ସେମାନେ କହିଥିଲେ । ଗାଁ ଗାଁରେ ମହିଳାମାନେ ମିଶନ ଶକ୍ତି ମାଧମରେ ଆତ୍ମନିର୍ଭରଶୀଳ ହେବା ସହିତ ଘରୁ ବାହାରକୁ ଆସି ପରିବାରର ଆର୍ଥିକ ଉନ୍ନତି ନିମନ୍ତେ ପୁରୁଷଙ୍କ ସହିତ ସମତାଳରେ ଚାଲିବା ହିଁ ସାମାଜିକ ଓ ଆର୍ଥିକ ବିକାଶ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପାରମ୍ପରିକ ଦାସକାଠିଆ, ଘୁଡୁକି ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟପକ୍ଷେ ଏହି ସମାବେଶ ନିମନ୍ତେ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ବ୍ଲକ ପକ୍ଷରୁ ନିମନ୍ତ୍ରଣ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ କାହାରିକୁ ମଧ ଦେଖିବାକୁ ମିଳି ନ ଥିଲା।

## ଗୋଟିଏ ରାତିରେ ୪ ଦୋକାନରୁ ଚୋରି

**ଭାପୁର,୫।୩(ଡି.ଏନ୍.ଏ.)**

ଭାପୁର ବଜାରରୁ ବୁଧବାର ରାତିରେ ୪ଟି ଦୋକାନର ତାଲା ଭାଙ୍ଗି ଚୋରମାନେ ଚୋରି କରିଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ଭାପୁର ବଜାର ଅନ୍ତର୍ଗତ ତ୍ରିନାଥ ବଜାରର ରମେଶ କୁମାର ସାହୁଙ୍କ ଦୋକାନ ତାଲା ଭାଙ୍ଗି ଚୋରମାନେ ଗୋଟିଏ ମୋବାଇଲ, ୬୦ଟା ମୋବାଇ ସିମ୍ ଓ ୭୦୦୦ ଟଙ୍କା ଚୋରି କରି ନେଇ ଯାଇଛନ୍ତି। ସେହିଭଳି ମୁନା ବାରିକଙ୍କ ଆଦିତ୍ୟ ମୋବାଇଲ ଦୋକାନରୁ ୮ଟି ମୋବାଇଲ, ୨୦/୨୨ଟି ଇୟର ଫୋନ କର୍ଡ, ୧୬ଟି ମୋବାଇଲ ଚିପ ଚୋରି ହୋଇଯାଇଛି। ନବକିଶୋର ପୃଷ୍ଟିଙ୍କ ସୁନା ଦୋକାନରେ ତାଲା ଭାଙ୍ଗିଥିଲେ ହେଁ ଆଖିଦୃଶିଆ କୌଣସି ଜିନିଷ ନେଇଥିବା ଜଣାପଡ଼ିନି। ନକୁଳ ସାହୁଙ୍କ ତେଜରାତି ଦୋକାନରୁ ତାଲା ଭଙ୍ଗାଯାଇଥିଲେ ହେଁ କୌଣସି ସାମଗ୍ରୀ ଚୋରି ହୋଇନାହିଁ। ବଜାରରେ ରାତିରେ ସିକ୍ୟୁରିଟି ଗାର୍ଡ ଜଗି ରହିଥିଲେ ହେଁ ଚୋରି ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ୨ଦିନରେ ୩ ନାବାଳିକା ବିବାହ ବନ୍ଦ ହେଲା

**ନୟାଗଡ ଅଫିସ,୫।୩**

ଜିଲା ପ୍ରଶାସନ ଓ ଚାଇଲ୍ଡ ଲାଇନ ପକ୍ଷରୁ ମିଳିତ ଭାବରେ ଚଢ଼ାଉ କରାଯାଇ ୨ଦିନରେ ୩ ନାବାଳିକାଙ୍କ ବିବାହ ବନ୍ଦ କରାଯାଇଛି। ଗୁରୁବାର ଖଣ୍ଡପଡା ବ୍ଲକର ରାଣିପଡା ଗ୍ରାମରେ ଗୋଟିଏ ଏବଂ ବୁଧବାର ଗଣିଆ ଓ ରଣପୁର ବ୍ଲକରେ ଦୁଇଟି ନାବାଳିକା ବିବାହ ବନ୍ଦ ହୋଇଛି। ୩ ନାବାଳିକା କନ୍ୟାଙ୍କୁ ଉଦ୍ଧାର କରାଯାଇ ସିଡବ୍ଲୁସିରେ ହାଜର କରାଯାଇ ତପସ୍ୟା ଶିଶୁଗୃହରେ ରଖାଯାଇଛି।

## ବଦଳିବ ନାହିଁ ସ୍କୁଲ ସମୟ ସାରଣୀ

**ନୟାଗଡ ଅଫିସ,୫।୩**

ସ୍କୁଲର ସମୟ ସାରଣୀ ଅପରିବର୍ତ୍ତିତ ରହିବ । ପୂର୍ବରୁ ଯେଉଁପରି ସମୟ ସାରଣୀ କାର୍ଯ୍ୟ କରୁଥିଲା ସେହିପରି ରହିବ । ସମସ୍ତ ସରକାରୀ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ସମୟ ସାରଣୀକୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଜିଲା ଶିକ୍ଷାଧିକାରୀ (ଡିଇଓ) ଲକ୍ଷ୍ମୀଧର ବେହେରାଙ୍କ ସହିତ ଆଲୋଚନା ପରେ ଦୂର ହୋଇଛି। ଏ ନେଇ ଗୁରୁବାର ଅପରାହ୍ନରେ ଶିକ୍ଷକମାନେ ଡିଇଓଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ଭେଟି ଆଲୋଚନା କରିଥିଲେ ।

ଆଲୋଚନା ମୁତାବକ ପୂର୍ବରୁ ପ୍ରଚଳିତ ସମୟ ସାରଣୀ ଅନୁସାରେ ସମସ୍ତ ବିଦ୍ୟାଳୟ କାର୍ଯ୍ୟ କରିବା ପାଇଁ ଶିକ୍ଷକସଂଘର ଅନୁରୋଧକୁ ଡିଇଓ ସମ୍ମତି ପ୍ରଦାନ କରିଥିଲେ । ଫଳରେ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଚିଠି ନଂ୨୧୫୪ ତା୦୩।୦୩।୨୦କୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରହିବା ସହିତ ପୂର୍ବପରି ବିଦ୍ୟାଳୟ ସକାଳ ୧୦ଟାରୁ ଅପରାହ୍ନ ୪ଟା ଏବଂ ଶନିବାର ସକାଳ ୬.୩୦ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଶିକ୍ଷକ ପ୍ରତିନିଧି ମଣ୍ଡଳୀକୁ ସୂଚନା ଦେଇଥିଲେ। ଏହି ଆଲୋଚନାରେ ଶିକ୍ଷକ ନେତା ମାଣିକେଶ୍ୱର ସ୍ୱାଇଁ, ସୁବାସ ମହାପାତ୍ର, ଶେଖ ଅବଦୁଲ ଖାଲିକ, ବଟକୃଷ୍ଣ ମିଶ୍ର, ଉମେଶ ସ୍ୱାଇଁ,ଲକ୍ଷ୍ମୀଧର ସାହୁ, ସଂଗ୍ରାମ ସାହୁ, ପ୍ରଦୀପ ସାହୁ, ଅଶୋକ ମଲ୍ଲ, ସଲିମ ଇବ୍ରାହୀମ, ସୁରେଶ ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ମୁଖ୍ୟ ଚିକିତ୍ସାଳୟରେ ବିଜେଡିର ରକ୍ତଦାନ ଶିବିର

**ନୟାଗଡ ଅଫିସ,୫।୩**

ଜୀବନବିନ୍ଦୁ ଆନୁକୂଲ୍ୟରେ ନୟାଗଡ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୬୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଦୁଇ କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ରମେଶ କୁମାର ସାହୁ, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ପୂର୍ବତନ ଏନଏସି ନଗରପାଳ ଗୁରୁ ପ୍ରସାଦ ଜେନା, ପୌର ପରିଷଦ ବିଜେଡି ସଭାପତି ଅମୂଲ୍ୟ ମହାନ୍ତି, ବ୍ଲକ ଅଧକ୍ଷା ଗୋଲାପ ଦଳବେହେରା, ବ୍ଲକ ବିଜେଡି ସଭାପତି ଅଜିତ ସାହୁ ଓ ଉପାଧକ୍ଷ ସୁବାସ କହଁର, ଜିଲା ପରିଷଦ ପୂର୍ବତନ ଅଧକ୍ଷା ମାଳତୀ ଗୁରୁ, ଚାଷୀ ନେତା ଜଗନ୍ନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷାବିତ ଦାମୋଦର ସାହୁ ଏହାକୁ ପରିଚାଳନା କରିଥିଲେ।

## ଶ୍ରୀରଘୁନାଥ ଜୀଉ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଦଶପଲ୍ଲା,୫।୩(ଡି.ଏନ୍.ଏ.)**–ଦଶପଲ୍ଲାରେ ବିରାଜିତ ଶ୍ରୀରଘୁନାଥ ଜୀଉ ମନ୍ଦିରର ୧୧ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ସୂର୍ଯ୍ୟପୂଜା ସହ ଷୋଡ଼ଶ ଉପଚାରରେ ପୂଜା ଏବଂ ହୋମ କାର୍ଯ୍ୟ କରାଯାଇଥିଲା । ଉତ୍ସବରେ ପରିଚାଳନା ପରିଷଦର କର୍ମକର୍ତ୍ତା ଏବଂ ସ୍ଥାନୀୟ ବହୁ ଜନସାଧାରଣ ଯୋଗଦାନ କରିଥିଲେ।

## ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ

**ନୟାଗଡ ଅଫିସ,୫।୩**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ ଗୃହରେ ଜିଲା ଓ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଜିଲାପାଳ ପୋମା ଟୁଡୁ ଓ ମୁଖ୍ୟବକ୍ତାରୂପେ ଖବରଦାତା ରାମକୃଷ୍ଣ ରଥ ଯୋଗ ଦେଇ ବିଜୁ ବାବୁଙ୍କର ବିଭିନ୍ନ ଲୋକହିତକର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ୱେତ ମହାପତ୍ର, ଉପଜିଲାପଳ ଲଗ୍ନଜିତ ରାଉତ, ନୟାଗଡ ବ୍ଲକ ଅଧକ୍ଷା ଗୋଲାପ ଦଳବେହେରା,ଆରଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ରାଜୀବ ପାଣିଗ୍ରାହୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ଏହାକୁ ପରିଚାଳନା କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଠିକ୍ ସମୟରେ କାର୍ଯ୍ୟ ଶେଷ କରି ଶରଧାପୁର ପିଇଓ ନିରଞ୍ଜନ ସାହୁ ପୁରସ୍କୃତ ହୋଇଥିଲେ।



ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ଜିଲାପାଳ।

# ଦୃଷ୍ଟି ଆଢୁଆଳରେ ରାସ୍ତାପାର୍ଶ୍ୱର ଅନିୟମିତତା

### ଓଡ଼ଗାଁ-ବାହାଡ଼ାଝୋଲା ମୁଖ୍ୟ ରାସ୍ତାର ସିନେମା ହଲ୍ ଛକଠାରୁ ବାହାଡ଼ାପିଠା ରାସ୍ତା

**ଓଡ଼ଗାଁ,୫।୩(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ସୀମା ସଂଲଗ୍ନ ରଙ୍ଗଣୀପାଟଣା ପଞ୍ଚାୟତ ଅନ୍ତର୍ଗତ ସିନେମା ହଲ୍ ଛକ ବଜାର ଠାରୁ ବାହାଡାପିଠା ରାସ୍ତା ମଧରେ କେତେକ ଅନିୟମିତତା ସାଧାରଣରେ ଦୃଷ୍ଟିଗୋଚର ହୋଇଛି । ତେବେ ତାହା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ରଙ୍ଗଣୀପାଟଣା ପଞ୍ଚାୟତ ଅନ୍ତର୍ଗତ ବାହାଡାପିଠା ମୌଜାରେ ଥିବା ସିନେମା ହଲ୍ ବଜାର ରାସ୍ତାରେ ବେଆଇନ ରନ୍ଧନ ଗ୍ୟାସ ବିତରଣ କାଉଣ୍ଟର, ରାସ୍ତାକୁ ମଡାଇ ଗୁହାଳ, ବାଉଁଶ କଣି ବାଡ ଏପରି କି ଗଞ୍ଜେଇ ଗଛ ଲଗାଯାଇଥିବା ଦେଖିବାକୁ ମିଳେ। ସେହି ରାସ୍ତାଦେଇ ବହୁ ପ୍ରଶାସନିକ ଅଧିକାରୀ, ରାଜନେତା ଯାଉଥିଲେ ମଧ୍ୟ ସମସ୍ତେ ନୀରବଦ୍ରଷ୍ଟା ସାଜିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।




ରାସ୍ତାପାର୍ଶ୍ୱ ଦୋକାନରେ ଖୋଲାଯାଇଛି ଗ୍ୟାସ୍ କାଉଣ୍ଟର।

### ରାସ୍ତା ପାର୍ଶ୍ୱ ଦୋକାନରେ ବେଆଇନ ରନ୍ଧନ ଗ୍ୟାସ୍ ବିତରଣ କାଉଣ୍ଟର

ସ୍ଥାନୀୟ ସିନେମା ହଲ୍ ଛକ ବଜାରରେ କେତେକ ବେଆଇନ ରନ୍ଧନ ଗ୍ୟାସ ସିଲିଣ୍ଡର ଦୋକାନ ଖୋଲିଥିବା ବେଳେ ଖୁଲମଖୁଲା ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି । ସଂପୃକ୍ତ ବ୍ୟବସାୟୀମାନେ ଓଡ଼ଗାଁ ବ୍ୟତୀତ ଜିଲାର ଅନ୍ୟ ସହରରେ ଥିବା ଗ୍ୟାସ୍ ବିତରକଙ୍କ ବୁକିଙ୍ଗ ଅଫିସ ବୋଲି ଦର୍ଶାଇ ଗ୍ୟାସ୍ ବୁକିଙ୍ଗ୍ କରୁଥିବା ବେଳେ ଅସୁରକ୍ଷିତ ଭାବେ ଘରେ ଏବଂ ଦୋକାନରେ ଗ୍ୟାସ ଭର୍ତ୍ତି ସିଲିଣ୍ଡର ମହଜୁଦ ରଖୁଥିବା ଜଣାଯାଇଛି। ଏଥି ନିମନ୍ତେ ସେମାନେ ସ୍ଥାନୀୟ ଅଗ୍ନିଶମ କେନ୍ଦ୍ର କିମ୍ବା ଯୋଗଣା ବିଭାଗରୁ ଆଦୌ ଅନୁମତି ନେଇ ନ ଥିବା ସ୍ଥାନୀୟ ଅଗ୍ନିଶମ ଅଧିକାରୀ ପ୍ରତାପ ପ୍ରଧାନ ଏବଂ ଜିଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର ପ୍ରକାଶ କରିଛନ୍ତି। ଏହାଦ୍ୱାରା ଘରୋଇ ଉପଭୋକ୍ତାଙ୍କ ଠାରୁ ସ୍ଥାନୀୟ ଶହେରୁ ଅଧିକ ଜଳଖିଆ ଦୋକାନୀଙ୍କ ସହିତ ହୋଟେଲ ବ୍ୟବସାୟୀମାନେ ଅନାୟସରେ ଘରୋଇ ସବସିଡି ଯୁକ୍ତ ସିଲିଣ୍ଡର ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଏନେଇ ଜିଲା ଯୋଗାଣ ଅଧିକାରୀ ମହାପାତ୍ର କାର୍ଯ୍ୟାନୁଷ୍ଠାନ ନେବେବୋଲି ସୂଚନା ଦେଇଛନ୍ତି।

### ବାହାଡ଼ାପିଠା ଗୋଷ୍ଠୀ ଗୃହ ସଂଲଗ୍ନ କାନ୍ଥକୁ ଲାଗି ଗଞ୍ଜେଇ ଗଛ

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଦେଢଲକ୍ଷଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ବାହାଡ଼ାପିଠା ଖଦାଳ ସାହି ଗୋଷ୍ଠୀ ଗୃହ ସଂଲଗ୍ନ କାନ୍ଥ ନିକଟରେ କେତୋଟି ଗଞ୍ଜେଇ ଗଛ ଲାଗିଥିବା ଦେଖିବାକୁ ମିଳିଛି । ଉକ୍ତ ଗଛକୁ ସୁରକ୍ଷିତ ଭାବେ ମାଙ୍କଡା ପଥର ବାଡା ଦେଇ ବୃଦ୍ଧି ହେବାକୁ ପରିବେଶ ସୃଷ୍ଟି କରାଯାଇଛି । ଏନେଇ ସ୍ଥାନୀୟ ପୋଲିସ କିମ୍ବା ଅବକାରୀ ବିଭାଗର ନିଘା ନ ଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ପ୍ରଶାସନର ନୀରବତା ନେଇ ପ୍ରଶ୍ନବାଚୀ ଉଠାଇଛନ୍ତି ।

### କଂକ୍ରିଟ ରାସ୍ତାକୁ ମଡ଼ାଇ ବାଉଁଶ ବାଡ଼, ଗୁହାଳ

ଏହି ରାସ୍ତାର ବାହାଡାପିଠା ଗ୍ରାମ ଦେଇ ବାହାଡ଼ାଝୋଲା ଯାଇଥିବା ସିମେଣ୍ଟ ରୋଡର ଉଭୟ ପାର୍ଶ୍ୱରେ କେତେକ ବ୍ୟବସାୟୀ ରାସ୍ତା ପାର୍ଶ୍ୱ ଖାଲି ସ୍ଥାନ ଜବର ଦଖଲ କରି ଘର ସହିତ ମିଶାଇ ରାସ୍ତା ପର୍ଯ୍ୟନ୍ତ ମାଡି ଆସିଥିବା ଅଭିଯୋଗ ହୋଇଥିଲା । ହେଲେ ପୂର୍ତ୍ତ ବିଭାଗ ଏନେଇ କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଫଳ ସ୍ୱରୂପ ଏହାର ସୁଯୋଗ ନେଇ ଅନ୍ୟ କେତେକ ବ୍ୟକ୍ତି କଂକ୍ରିଟ ରାସ୍ତାକୁ ମଡାଇ ଅଥବା ଜବର ଦଖଲ କରି ଗୁହାଳ କରିବା ସହିତ ଖଳା ବାରି କରିବାକୁ ଉଦ୍ୟମ କରିଛନ୍ତି । ଏପରି କି ରାସ୍ତାକୁ ଲଗାଇ ବାଉଁଶ କଣି ବୁଜି ଉକ୍ତ ସ୍ଥାନକୁ ନିଜ ଖଳାବାରି ସହିତ ମିଶାଇ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି । ଏନେଇ ସ୍ଥାନୀୟ ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରାଙ୍କୁ ପଚାରିବାରୁ ସେ ସମୟ ସୁବିଧା ଦେଖି ଜବର ଦଖଲ ସହିତ ବେଆଇନ ହମ୍ପସ ସବୁ ଉଚ୍ଛେଦ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ଏସବୁ ଅନିୟମିତତା ସମ୍ପର୍କରେ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଉଥିବା ବେଳେ ଫଳ ଶୂନ।